




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୩୦ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 APRIL 2025

Vol.No. 36 ■ No.113 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆକ୍ରମଣର ଟାର୍ଗେଟ-ଟାଇମ୍ ସ୍ଥିର କର:

# ସେନାକୁ ପୂର୍ଣ୍ଣ କ୍ଷମତା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୯/୪ : ପହଲଗାମ୍ ହମ୍ଲାର ବଦଲା ନେବା ପାଇଁ ସେନାକୁ ମିଳିଲା ଗ୍ରୀନ ସିଗ୍ନାଲ । ପାକିସ୍ତାନକୁ ମିଳିବ ମୁହଁତୋଡ଼ ଜବାବ । ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ସ୍ଥାନରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ଭାରତୀୟ ସେନା । ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ପାକିସ୍ତାନଠୁ ପହଲଗାମ୍ ହମଲାର ବଦଲା ନେବାକୁ ଭାରତର ତିନି ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଆକ୍ରମଣର ଶୈଳୀ, ଲକ୍ଷ୍ୟ, ସମୟ ନେଇ ନିଷ୍ପତ୍ତି ନେବାକୁ ସେନାକୁ ମିଳିଛି ପୂର୍ଣ୍ଣ କ୍ଷମତା । ଏନେଇ ୩ ସେନା ମିଳିତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ବୈଠକରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆତଙ୍କବାଦକୁ କଡ଼ା ଜବାବ ଦେବା ଆମର ରାଷ୍ଟ୍ରୀୟ ସଂକଳ୍ପ । ସେନା ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ଅଛି ।

▶▶ପୃଷ୍ଠା ୭

## 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେବା ପରେ ଘରୋଇ ହସ୍ପିଟାଲମାନଙ୍କୁ କଡ଼ା ତାଗିଦ କଲେ ସ୍ୱାସ୍ଥ୍ୟମନ୍ତ୍ରୀ





ଭୁବନେଶ୍ୱର, ୨୯/୪ (ନି.ପ୍ର): ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେବା ପରେ ପ୍ରଥମ ଥର ଲାଗି ଘରୋଇ ହସ୍ପିଟାଲମାନଙ୍କୁ କଡ଼ା ତାଗିଦ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ । ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସେ କହିଛନ୍ତି । ଆୟୁଷ୍ମାନରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆୟୁଷ୍ମାନ ଚିକିତ୍ସାରେ କୌଣସି ଅବହେଳାକୁ ବରଦାସ୍ତ କରାଯିବନି ।ସ୍ୱାସ୍ଥ୍ୟସେବାରେ ବଡ଼ ଭୂମିକା ଗ୍ରହଣ କରିବ ଆୟୁଷ୍ମାନ କାର୍ଡ । ଆୟୁଷ୍ମାନ ଯୋଜନା ଦ୍ୱାରା ଅନେକ ଗରିବ ଓ ମଧ୍ୟବିତ୍ତ ଲୋକ ଉପକୃତ ହେଲେ । ତେବେ ଏହି ସେବାରୁ ଯେପରି କୌଣସି ବି ହିତାଧିକାରୀ ଯେପରି ବାଦ ନପଡ଼ନ୍ତି, ଯେପରି କୌଣସି ଅବହେଳା ନ ହୁଏ ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହୁରି ମଧ୍ୟ କହିଛନ୍ତି କି, ଆୟୁଷ୍ମାନ ପ୍ୟାକେଜ୍ ବଢାଇବାକୁ ଯୋଜନା ଚାଲିଛି । ଆଗାମୀ ଦିନରେ ଯେପରି ଲୋକଙ୍କୁ ଅଧିକ ସୁବିଧା ମିଳିପାରିବ, ସେ ଦିଗରେ ଗୁରୁତ୍ୱ ଦିଆଯାଉଛି । ସୂଚନାଯୋଗ୍ୟ, ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେବା ପରଠାରୁ ରୋଗୀ ଚିକିତ୍ସାକୁ ନେଇ ଘରୋଇ ହସ୍ପିଟାଲମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

▶▶ପୃଷ୍ଠା ୭







## ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ : ୩ ଲକ୍ଷ ଟଙ୍କା ନଗଦ ଜବତ



ଢେଙ୍କାନାଳ, ୨୯/୪ (ନି.ପ୍ର): ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଯାଇଛନ୍ତି । ଗାଡ଼ିରେ ୩ ଲକ୍ଷ ଟଙ୍କା ନେଇ ଯିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ଉ କରି ମାଡ଼ିବସିଛନ୍ତି । ସୂଚନା ଅନୁସାରେ ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଲକ୍ଷାଧିକ ଟଙ୍କା ନେଇ କୁଆଡ଼େ ଯାଉଥିବା ନେଇ ଭିଜିଲାନ୍ସ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଭିଜିଲାନ୍ସ ଟିମ୍ ଏକ ବଡ଼ଧରଣର ଚଢ଼ଉ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ । ଏଥି ପାଇଁ ଟିମ୍ ଜିଲ୍ଲାପାଳଙ୍କ ସରକାରୀ ବାସଭବନ ଆଗରେ ଜଗିଥିଲେ । ଏହି ସମୟରେ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କ ଗାଡ଼ି ପହଞ୍ଚି ଥିଲା । ପୂର୍ବରୁ ସନ୍ଦେହ କରୁଥିବା ଭିଜିଲାନ୍ସ ଟିମ୍ ଶ୍ରୀ ନାୟକଙ୍କ ଗାଡ଼ିକୁ ଅଟକାଇଥିଲେ । ଭିଜିଲାନ୍ସ ଟିମ୍ ଗାଡ଼ି ଅଟକାଇବା ପରେ ଶ୍ରୀ ନାୟକ ଅସ୍ଥିର ଦେଖାଯାଇଥିଲେ । ଗାଡ଼ି ଯାଞ୍ଚ ବେଳେ ଏଥିରେ ବିପୁଳ ପରିମାଣର ଟଙ୍କା ଥିଲା । ଭିଜିଲାନ୍ସ ଟିମ୍ ଏହାକୁ ଜବତ କରିଥିଲେ । ଶ୍ରୀ ନାୟକଙ୍କୁ ଭିଜିଲାନ୍ସର ଅଧିକାରୀମାନେ ଯେତେବେଳେ ଏତେ ଟଙ୍କା କେଉଁଠୁ ଆସିଲା ଏବଂ କେଉଁଠିକୁ ନିଆଯାଉଥିଲା ବୋଲି ପଚାରିଥିଲେ, ସେମାନେ ସନ୍ତୋଷଜନକ ଉତ୍ତର ପାଇପାରି ନଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ବିଶ୍ୱସ୍ତ ସୂତ୍ରରୁ

▶▶ପୃଷ୍ଠା ୭


ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0611/2526


## ମେ' ୨ରୁ ଓଜେଇଇ ପରୀକ୍ଷା

ଭୁବନେଶ୍ୱର, ୨୯/୪ (ନି.ପ୍ର): ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)୨୦୨୫ ମେ ୨ ତାରିଖରୁ ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଓଜେଇଇ ପକ୍ଷରୁ କାର୍ଯ୍ୟସୂଚୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ର କମ୍ପ୍ୟୁଟର ବେସ୍ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା ଦେବେ। ଚଳିତବର୍ଷ ୩ଟି ସିଫ୍ଟରେ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୮ଟା ୩୦ରୁ ଆରମ୍ଭ ହୋଇ ୧୦ଟା ୩୦ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ସିଫ୍ଟ ପରୀକ୍ଷା ମଧ୍ୟାହ୍ନ ୧୨ଟା ୩୦ରୁ ଆରମ୍ଭ ହୋଇ ୨ଟା ୩୦ଯାଏ ଏବଂ ତୃତୀୟ ସିଫ୍ଟଟି ଅପରାହ୍ନ ୪ଟା ୩୦ରୁ ୬ଟା ୩୦ ଯାଏ ଚାଲିବ।ମେ ୨ରେ ୩ଟି ସିଫ୍ଟରେ ବି.ଫାର୍ମ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ୩ ତାରିଖରେ ବି.ଫାର୍ମ, ଏଲ୍ଇ.ଟେକ୍ (ଡିପ୍ଲୋମା) ଏବଂ ଏମ୍‌ବିଏ ପାଇଁ ପରୀକ୍ଷା ହେବ।

▶▶ପୃଷ୍ଠା ୭

## ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଆଜି

### ପୁଷ୍ପାଳକ ଓ ସୁଆର ନିଯୋଗର ବୟକଟ୍, ମାନିଲେନି ଦଇତାପତି



କୋଲକାତା, ୨୯/୪ : ପଶ୍ଚିମବଙ୍ଗର ଦୀଘାରେ ଅବିକଳ ପୁରୀ ଜଗନ୍ନାଥ ମନ୍ଦିର ଭଳି ଏକ ମନ୍ଦିର ନିର୍ମାଣ ହୋଇଛି ଯାହାକୁ କାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦଘାଟନ କରିବେ । ଏହି ପ୍ରତିଷ୍ଠା ଉତ୍ସବରେ ସାମିଲ ନହେବାକୁ ସୁଆର-ମହାସୁଆର ନିଯୋଗର ଚେତାବନୀ ସତ୍ତ୍ୱେ ପୁରୀରୁ ଦୀଘା ଆସିଛନ୍ତି ୬୦ରୁ ୭୦ ଦଇତାପତି । ଯାହାକୁ ନେଇ ଏବେ ସୃଷ୍ଟି ହୋଇଛି କ୍ଷୋଭ । ପୁରୀ ଶ୍ରୀମନ୍ଦିର ଭଳି ଏକ ଅବିକଳ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି ପଶ୍ଚିମବଙ୍ଗ ଦୀଘାରେ ।

▶▶ପୃଷ୍ଠା ୭

## ପାକିସ୍ତାନୀଙ୍କୁ ଚିହ୍ନଟ ପରେ ଏବେ ବାଂଲାଦେଶୀଙ୍କ ପାଳି

ଭୁବନେଶ୍ୱର, ୨୯/୪ (ନି.ପ୍ର): ପହଲଗାମ୍ ହମଲା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରାଯାଉଛି । ଦେଶ ବାହାର ରାସ୍ତା ଦେଖାଯାଉଛି । କିନ୍ତୁ ଏହାରି ଭିତରେ ଦେଶର ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ । ରାଜ୍ୟ ସରକାର ଏ ଦିଗରେ ନେବାକୁ ଯାଉଛନ୍ତି ବଡ଼ ଆକ୍ସନ । ଖୁବଶୀଘ୍ର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବିଦା କରାଯିବ ବୋଲି କହିଛନ୍ତି ଆଇନ୍ ମନ୍ତ୍ରୀ । କଣ୍ଠ ପୁରିଲା। ପାକିସ୍ତାନୀ ନାଗିରକଙ୍କୁ ବିଦା ଲାଗି ଚିହ୍ନଟ ପ୍ରକ୍ରିୟା ସରିଲା । ଭୁବନେଶ୍ୱର, ବାଲେଶ୍ୱର, ବଲାଙ୍ଗୀର, ବ୍ରହ୍ମପୁର ଆଦି ସ୍ଥାନରୁ ଚିହ୍ନଟ ହୋଇଛନ୍ତି ପାକିସ୍ତାନୀ ନାଗରିକ ।

▶▶ପୃଷ୍ଠା ୭

# ରାଜ୍ୟରେ ଖାଲିଥିବା ପୁଲିସ ପଦବୀ ପୁରଣ ଲାଗି ପ୍ରକ୍ରିୟା ଜାରି ରହିଛି, ଖୁବଶୀଘ୍ର ଏହା ପୂରଣ ହେବ: ପୁଲିସ ଡିଜି ଖୁରାନିଆ

ରାଉରକେଲା,୨୯/୪(ନି. ପ୍ର): ରାଜ୍ୟର ପୁଲିସ ବିଭାଗରେ ଖାଲିଥିବା ୧୬,୫୦୦ ପଦବୀ ଖୁବ ଶିଘ୍ର ପୁରଣ ହେବ ଏଥିଲାଗି କାମ ଚାଲିଛି ଯଥାଶିଘ୍ର ଏହା ପୁରଣ ହେବ ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ରାଉରକେଲା ଗସ୍ତରେ କିଛି ଗୁରୁତ୍ୱପୁର୍ଣ କାମକୁ ନେଇ ଆସିଥିବା ବେଳେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ପଡୋଶୀ ରାଜ୍ୟ ଗୁଡିକରେ ଚାଲିଥିବା ବିଭିନ୍ନ ଅପରାଧକୁ ଦୃଷ୍ଟିରେ ରଖାଯାଇ ପଡୋଶୀ ରାଜ୍ୟର ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଜି ଆଲୋଚନା କରାଜିବା ସହ ଘଟୁଥିବା ଅପରାଧ ଓ ଅପରାଧୀ ମାନଙ୍କର କାର୍ଯ୍ୟକଳାପ ଗୁଡିକୁ କିଭଳି ରୋକାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଛି । ପୁଲିସ ଡିଜି ଶ୍ରୀ ଖୁରାନିଆ ଆଜି ସକାଳେ ରାଉରକେଲା ପୁଲିସ ମୁଖ୍ୟାଳୟରେ ପହଂଚିବା ସହ ବରିଷ୍ଠ ପୁଲିସ ଅଧିକାରୀ ହିଂମାଶୁ ଲାଲଙ୍କ ସମେତ ରାଉରକେଲା, ସୁନ୍ଦରଗଡ ଏସପି , ପଡୋଶୀ ରାଜ୍ୟର ବିଭିନ୍ନ ପୁଲିସ ଅଧିକାରୀଙ୍କ ସମେତ ସିଆରପିଏଫ ଭଳି ସୁରକ୍ଷା ବାହିନୀର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ପ୍ରାୟ ଦେଢ ଘଂଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ । ତେବେ ହଠାତ କାହିଁକି ଡିଜି ରାଉରକେଲା ଆସିଲେ, ଆଲୋଚନାରେ କଣ କଣ ବିଷୟ ସ୍ଥାନ ପାଇଥିଲା ସେନେଇ ମିଡିଆକୁ କହିଛନ୍ତି ଯେ, ପୁଲିସ ବିଭାଗରେ ଖାଲିଥିବା ପୁଲିସର ବିଭିନ୍ନ ପଦବୀ ଗୁଡିକ ଶିଘ୍ର ପୁରଣ କରାଜିବ, ଖାଲିଥିବା ପଦବୀ ଭିତରେ ଆର୍ମପୁଲିସ କନେଷ୍ଟବଳ ପଦବୀ ପୁରଣ ଲାଗି ପ୍ରକ୍ରୀୟା ଜାରୀ ରହିଛି, ମାସେ ଭିତରେ ଏହା ପୁରଣ ହେବ । ଏସଆଇ ପଦବୀ ପୁରଣ ଲାଗି ପ୍ରକ୍ରିୟା ଜାରୀ ରହିଛି। ସେଗୁଡିକ ଆସନ୍ତା ଦିନ ଗୁଡିକରେ ପୁରଣ କରାଜିବ, ତା ଛଡା ସିଭିଲ କନେଷ୍ଟବଳ ପଦବୀ ପୁରଣ ମଧ କରାଜିବ ବୋଲି ଶୀ ଖୁରାନିଆ ସୂଚନା ଦେଇଛନ୍ତି । ରାଉରକେଲା ସ୍ମାର୍ଟ ସିଟି ହେବା ପରେ ଏଠାରେ ପୁଲିସ ପକ୍ଷରୁ ଯେଉଁ ସବୁ କାମ ବାକି ରହିଥିଲା ସେଗୁଡିକୁ ମଧ ଖୁବ ଶିଘ୍ର କିଭଳି କରାଜିବ ସେନେଇ ଆଲୋଚନା କରାଯାଇଛି, ସେ ଭିତରେ ସହରରେ ସିସି କ୍ୟାମେରା ଠାରୁ ଆରମ୍ଭ କରି ଜିଲ୍ଲା ପୁଲିସର କଣ ସବୁ ଆବଶ୍ୟକତା ରହିଛି, କଣ ସବୁ ସମସ୍ୟା ରହିଛି ସେଗୁଡିକୁ କିଭଳି ପୁରଣ କରାଜିବ ସେନେଇ ଆଲୋଚନା କରାଯାଇଥିଲା ବୋଲି ଡିଜି କହିଥିଲେ । ସେହିଭଳି ପଡୋଶୀ ରାଜ୍ୟର ବରିଷ୍ଠ ଅଧିକାରୀ ମାନେ ଆସିଥିଲେ ସେମାନଙ୍କ ସହ ନକ୍ସଲ ସମସ୍ୟା ସଂପର୍କରେ ଆଲୋଚନା କରାଜିବା ସହ ରାଉରକେଲା ପୁଲିସ ଜିଲ୍ଲାର ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇଛି । କିଭଳି ଲୋକଙ୍କୁ ଅଧିକ ସୁବିଧା ଦେଇହେବ ଓ ପୁଲିସ ବିଭାଗ ତାର ମୂଳ ଲକ୍ଷ୍ୟରେ ପହଁଚିପାରିବ ସେ ନେଇ ଆଲୋଚନା କରାଯାଇଛି ଓ ଆସନ୍ତା ଦିନରେ ପୁଲିସ ଲୋକଙ୍କୁ ଅଧିକ ସେବା ଦେଇପାରିବ ବୋଲି ସେ ଦୃଢତାର ସହ କହିଛନ୍ତି । ରାଜ୍ୟରେ ଥିବା ପାକିସ୍ତାନୀ ମାନଙ୍କୁ ଏଠାରୁ ବିଦା କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଡିଜି କହିଛନ୍ତି । ମୋଟା ମୋଟି ରାଉରକେଲା ପୁଲିସ ଜିଲ୍ଲାରେ କିଭଳି ଅଧିକ ପୁଲିସ ସେବା ମିଳିପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥି ସହ ଝାଡଖଣ୍ଡର ସିଆରପିଏଫ ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି । ଆଗାମୀ ଦିନରେ କିଭଳି ପୁଲିସକୁ ଅଧିକ ଆଧୁନିକିକରଣ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

# ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଇଂରାଜୀ ପ୍ରଶାସକଙ୍କଠାରୁ ମୁକ୍ତ ହୋଇପାରିଲେ ଗଜପତି ଓ ମଧୁବାବୁଙ୍କ ପ୍ରତି ଉଚିତ ସମ୍ମାନ ହେବ

ଗଞ୍ଜାମ,୨୯/୪(ନି. ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବ୍ରହ୍ମପୁର ଗାନ୍ଧୀନଗର ଛକ ଠାରେ ଥିବା ପୂଣ୍ୟାତ୍ମା ମଧୁପ୍ରେମୀ ସ୍ୱର୍ଗତ ସୁରସିଂ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତି ସମ୍ମୁଖରେ ଆୟୋଜିତ ସଭାରେ ବକ୍ତାମାନେ ଉଦବୋଧନ ଦେଇ ମଧୁବାବୁ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଉଦ୍ୟମରେ ସ୍ୱୀକୃତି ଲାଭ କରିଥିବା ଭାଷାଭିତିକ ରାଜ୍ୟ ଓଡ଼ିଶା ଇଂରାଜୀ ପ୍ରଶାସକମାନଙ୍କ କବଳରୁ ଯେଉଁଦିନ ମୁକ୍ତ ନହେବ ସେହିଦିନ ଓଡ଼ିଶାର ଉନ୍ନତି ସମ୍ଭବପର ନୁହେଁ ବୋଲି ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ପ୍ରକାଶ କରିଥିଲେ । ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶ୍ରୀ ରଥ କହିଲେ ୯୦ ବର୍ଷ ପରେ ମଧ ଆଜି ଓଡ଼ିଶା ଭାରତ ବର୍ଷର ବହୁ ପଛରେ ପଡ଼ିଛି ଏବଂ ଓଡ଼ିଶାର ବିଭିନ୍ନ ଖଣି ଖାଦାନ, ବନ୍ଦର ଓ ବିଭିନ୍ନ କର୍ପୋରେଟ ହାଉସକୁ ହସ୍ତାନ୍ତର କରାଯାଉଥିବା ଘଟଣା ଉଦବେଗଜନକ । ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧରେ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ରାଜେନ୍ଦ୍ର ପଣ୍ଡା, ଅଶୋକ କୁମାର ଦଳେଇ, ସଂଗଠନର ସଭାପତି ଗଗନ ଚନ୍ଦ୍ର ମଲିକ, ସତ୍ୟ ନାରାୟଣ ରାଓ, ସମ୍ପାଦକ ଅବନୀ ଗୟା, କୃଷ୍ଣଚନ୍ଦ୍ର ଗଜପତି ସ୍ମୃତି ପରିଷଦର ସଭାପତି ଡ଼. ବାୟାମନୁ ଚର୍ଚ୍ଚି, ସମ୍ପାଦକ କିଶୋର କୁମାର ପାତ୍ର, ଉତ୍କଳ ସମ୍ମିଳନୀ ଗଞ୍ଜାମ ଶାଖାର ସଭାପତି ଡ଼ା. ସୁବ୍ରତ କୁମାର ସାହୁ, ଆଦିତ୍ୟ ରଥ, ସବିତା ସାହୁକାର, ଡ଼ା. ସାଗର ରଂଜନ ତ୍ରିପାଠୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଡ଼ା. ପ୍ରଶାନ୍ତ କୁମାର ପାତ୍ର, ବିଜୟ କୁମାର ପାଢ଼ୀ, ମହମ୍ମଦ ଆସଲାମ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ବିଭିନ୍ନ ସଂଗଠନ ପକ୍ଷରୁ ମଧ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

# ଛୁଟି ସମୟରେ କୁସୁମ ଗଛରୁ ଲାଖ ସଂଗ୍ରହ କରି ଜୀବିକା ଅର୍ଜନ କରୁଛନ୍ତି ନାବାଳକ : ଦିନକୁ ୫୦୦ ଟଙ୍କା ପର୍ଯ୍ୟନ୍ତ କରୁଛନ୍ତି ଆୟ

ଯୋଡ଼ା,୨୯/୪(ନି. ପ୍ର): ଗ୍ରୀଷ୍ମ ପ୍ରବାହ କାରଣରୁ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଛୁଟି ଘୋଷଣା କରିଛନ୍ତି । ତେବେ କେନ୍ଦୁଝର ଜିଲ୍ଲାର ସୀମାନ୍ତ ଖଣି ଅଂଚଳରେ ରହୁଥିବା ଗରୀବ ଆଦିବାସୀ ପିଲାମାନେ ସ୍କୁଲରୁ ଗ୍ରୀଷ୍ମ ଛୁଟି ସମୟରେ ଟଙ୍କା ରୋଜଗାର କରିବାର ଏକ ଅଭିନବ ଉପାୟ ବାହାର କରିଛନ୍ତି । ଖେଳିବା କିମ୍ବା ବେକାର ରହିବା ପରିବର୍ତେ ସେମାନେ ସ୍ଥାନୀୟ ପ୍ରାକୃତିକ ପରିବେଶରେ ରହିଥିବା କୁସୁମ ଗଛରୁ ଲାଖ ଅମଳ କରୁଛନ୍ତି। ଲାଖ ହେଉଛି ଏକ ପ୍ରାକୃତିକ ରେଜିନ୍ ଯାହା କୁସୁମ ଗଛ ସମେତ, ଅନ୍ୟ କିଛି ଗଛରେ ରହୁଥିବା ଛୋଟ ଛୋଟ କୀଟରୁ ଆସିଥାଏ। ଏହି ଲାଖ ଚୁଡ଼ି ତିଆରି ବ୍ୟତୀତ ସୁନା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗରେ ବହୁଳ ମାତ୍ରାରେ ବ୍ୟବହାର କରାଯାଇଥାଏ । ତେବେ ପିଲାମାନେ ଏଠାକାର ପରିବେଶରେ ରହିଥିବା ଅନେକ ଗଛରେ ଚଢ଼ି କୁସୁମ ଗଛର ଡାଳରେ ଲାଗି ରହିଥିବା ଲାଖକୁ ସଂଗ୍ରହ କରନ୍ତି ଏବଂ ସ୍ଥାନୀୟ ବେପାରୀଙ୍କୁ କିଲୋଗ୍ରାମ ପ୍ରତି ୩୦୦ ଟଙ୍କାରେ ସଂଗୃହିତ ଲାଖ ବିକ୍ରି କରିଥାନ୍ତି । ସ୍ଥାନୀୟ ନାବାଳକ ଏହି କାର୍ଯ୍ୟକୁ ୩-୪ ଜଣର ଏକ ସମୂହ କରି ସଂଘବଦ୍ଧ ଭାବରେ ଅତି ନିଖୁଣତାର ସହିତ ଏହି କାର୍ଯ୍ୟ ସମ୍ପାଦିତ କରିଥାନ୍ତି । ଗୋଟିଏ ଗଛରୁ ସେମାନେ ପ୍ରାୟ ୧୦୦ ରୁ ୨୦୦ ଟଙ୍କା ରୋଜଗାର କରୁଥିବା ବେଳେ ଦିନକୁ ୫ ଶହରୁ ୭ ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି । ତେବେ ସେମାନେ କୁହନ୍ତି ଯେ, ଯଦିଓ ଏହି କାର୍ଯ୍ୟ ସୁରକ୍ଷା ଦୃଷ୍ଟିରୁ ଅସୁରକ୍ଷିତ କିନ୍ତୁ ଏହି କାର୍ଯ୍ୟରୁ ସେମାନେ ପ୍ରତ୍ୟେହ କିଛି ଭଲ ରାଶି ରୋଜଗାର କରିପାରନ୍ତି । ଏହି ଲାଖ ବିକ୍ରିର ଆୟରୁ ସେମାନେ ନିଜ ପାଇଁ ପୋଷାକ ସହିତ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କିଣିବା ସହିତ ଅବଶିଷ୍ଟ ରାଶି ନିଜର ଅଭିଭାବକଙ୍କୁ ପ୍ରଦାନ କରିଥାନ୍ତି । ସ୍ଥାନୀୟ ବଜାରରେ ଏହି ଲାଖ କିଲୋଗ୍ରାମ ପ୍ରତି ୩ଶହ ଟଙ୍କାରେ ବିକ୍ରି କରୁଥିବା ବେଳେ ପଡୋଶୀ ଝାଡ଼ଖଣ୍ଡରେ ଏହାର ଖରିଦ ମୂଲ୍ୟ କିଲୋଗ୍ରାମ ପ୍ରତି ୭ ଶହରୁ ୮ ଶହ ଟଙ୍କା ରହିଛି । ଯଦି ଅନ୍ୟ ସ୍ଥାନର ଲାଖ ବେପାରୀ ଆମ ଠାରୁ ଏହି ସଂଗୃହିତ ଲାଖ କିଣିବେ ତେବେ ଆମେ ଆମ ପରିଶ୍ରମର ମୂଲ୍ୟ ଦୁଇଗୁଣା ପାଇପାରିବୁ । ତେବେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ, ଲାଖ ଅମଳ ମାଧ୍ୟମରେ ଟଙ୍କା ରୋଜଗାର କରିବାର କ୍ଷମତା ଏହି ପିଲାମାନଙ୍କୁ ଦାୟିତ୍ୱ ଏବଂ ସ୍ୱାଧୀନତାର ଚିନ୍ତାଧାରା ଯୋଗାଉଛି । ଏହି ପିଲାମାନେ ପ୍ରତିକୂଳ ପରିସ୍ଥିତିରେ ମଧ କେମିତି ଦାୟିତ୍ୱବାନ ଓ ରୋଜଗାରକ୍ଷମ ହୋଇପାରିବେ ସେନେଇ ସମାଜକୁ ବାର୍ତା ଦେଉଥିବା ବେଳେ ଖଣି ସମୃଦ୍ଧ କେନ୍ଦୁଝର ଜିଲାର ପ୍ରତ୍ୟେକ୍ଷ ଭାବରେ ପ୍ରଭାବିତ ଖଣି ପ୍ରବଣ ଅଂଚଳରେ ଦାରିଦ୍ର୍ୟତା କେଉଁ ପରିସ୍ଥିତିକୁ ପହଂଚିଛି ତାର ନିଛକ ଚିତ୍ର ଏହି ପିଲାମାନଙ୍କ ସଂଘର୍ଷର କାହାଣୀ ମାଧ୍ୟମରେ ସ୍ପଷ୍ଟ ଦେଖାଦେଉଛି ।

# ବଲାଙ୍ଗୀର ଜିଲ୍ଲା ବାର୍ ଏସୋସିଏସନ୍ ତରଫରୁ ମଧୁବାବୁ ଜୟନ୍ତୀ ଓ ଅଧିବକ୍ତା ଦିବସ ପାଳିତ

ବଲାଙ୍ଗିର,୨୯/୪(ନି. ପ୍ର): ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତିକ ରାଜ୍ୟ ମାନ୍ୟତା ପ୍ରଦାନ କରିବା ଦିଗରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏପ୍ରିଲ ୨୮ ମଧୁବାବୁଙ୍କ ଜନ୍ମ ଦିନକୁ ସାରା ରାଜ୍ୟରେ ଲୟରସ' ଡେ' ଭାବରେ ପାଳନ କଲରାଯାଉଥିବା ବେଳେ ମଧୁସୂଦନ ଦାସଙ୍କ ପ୍ରଗତୀଶାଳି ଚିନ୍ତାଧାରା ଓ ମୁକଦ୍ଦମା ପରିଚାଳନା କ୍ଷେତ୍ରରେ ବ୍ୟବସାୟିକ ମନୋବୃତି ନରଖି ନିଜର ମହକିଲଙ୍କ ପ୍ରତି ଉଦାର ମନୋଭାବ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ । କୋର୍ଟରେ କାମ କରୁଥିବା ଓକିଲ ମାନେ ମଧୁବାବୁଙ୍କ ଏହି ଆଦର୍ଶରୁ ଶିକ୍ଷାଗ୍ରହଣ କରିବା ଉଚିତ । ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ବାର୍ ହଲ୍ ଠାରେ ଆୟୋଜିତ ଲୟରସ' ଡେ' ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହା କହିଛନ୍ତି ସ୍ପେସିଆଲ ଭିଜିଲାନ୍ସ ଜଜ୍ ମଳୟ ରଂଜନ ଦାଶ । ଆଇନ ପ୍ରକିୟାରେ ବାର୍ ଓ ବେଂଚ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିଏ ନ୍ୟାୟିକ ବ୍ୟବସ୍ଥାରେ ବାର୍ ବିନା ବେଂଚ ର ସ୍ଥିତି ଅସଂପୂର୍ଣ୍ଣ ଏବଂ ବେଂଚ ବିନା ମଧ ବାର ଅସଂପୂର୍ଣ୍ଣ ଅଟେ । କୋର୍ଟର ବିଚାରପତି ସମ୍ମୁଖରେ ଯକୌଣସି କେଶ ଉପସ୍ଥାପନ କଲାବେଳେ ନିଜ ମହକିଲର ମାଉଥସ୍ପିଚ ସଦୃଶ କାମ କରୁଥିବା ଓକିଲ କେବଳ କୋର୍ଟର ସୁରକ୍ଷା ଦେଇ ନଥାଏ ବଂର ଆଇନର ବ୍ୟାଖ୍ୟା ମଧ କରିଥାଏ ବୋଲି ଭିଜିଲାନ୍ସ ଜଜ୍ ଶ୍ରୀ ଦାଶ ନିଜ ବକ୍ତବ୍ୟରେ କହିଛନ୍ତି । ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଭୁବନେଶ୍ୱର କିଟ୍ ସ୍କୁଲ ଅଫ୍ ଲ ପ୍ରାଧ୍ୟାପକ ଡଃ. ସିଦ୍ଧାର୍ଥ ଶେଖର ଦାସ ଯୋଗ ଦେଇ ସାଂପ୍ରତିକ ସ୍ଥିତିରେ ଆଇନବୃତିରେ ବିଶ୍ୱାସନୀୟତା ଆଣିବା ପାଇଁ ଆଇନର ସଫଳ ଉପଯୋଗ ଏବଂ ଏହା ଦ୍ୱାରା ଅଧିକରୁ ଅଧିକ ଲୋକ କିପରି ଉପକୃତ ହୋଇପାରିବେ ସେ ସଂପର୍କରେ ତର୍ଜମା କରିଥିଲେ । ବରିଷ୍ଠ ଆଇନଜୀବୀ ପ୍ରମୋଦ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଅନ୍ୟ ମାନଙ୍କ ମଧରେ ଆଇନଜୀବୀ ଅମରେନ୍ଦ୍ର ମଶ୍ର, ଜୟକୃଷ୍ଣ ସାହୁ ପ୍ରମୁଖ ଆଇନ ଦିବସର ତାତ୍ପର୍ଯ୍ୟ ଓ ଲୋକଙ୍କ ଆଇନଗତ ସୁବିଧା ଓ ଏ ଦିଗର କାର୍ଯ୍ୟରତ ଓକିଲ ମାନଙ୍କ ଭୂମିକା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଆଇନ ବୃତିରେ ୫୦ ରୁ ଉର୍ଦ୍ଧ୍ୱ ବର୍ଷ ଧରି କାର୍ଯ୍ୟ କରିଥିବା ୯ଜଣ ବରିଷ୍ଠ ଆଇନଜୀବୀ ଶୁଭ୍ରଂଶୁ ଶେଖର ମିଶ୍ର, ମୋତିରାମ ମାଝୀ, ଶରତ ଚନ୍ଦ୍ର ରଥ, ଲିଙ୍ଗରାଜ ପାଢ଼ୀ, କୃଷ୍ଣଚନ୍ଦ୍ର ରଣା, ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳଚନ୍ଦ୍ର ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରକାଶ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଓକିଲ ସଂଘର ସଂପାଦକ ସଂଜୟ ବଗର୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ମହାବିଦ୍ୟାଳୟ ୧୯୮୯ ବ୍ୟାଚର ବନ୍ଧୁମିଳନ

ଧର୍ମଶାଳା,୨୯/୪(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାରବାଟୀ ନିକଟସ୍ଥ ମା ଦୁର୍ଗାଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୫ ବର୍ଷ ପରେ ୧୯୮୯ ମସିହା ବ୍ୟାଚର ବନ୍ଧୁମାନେ ଏକତ୍ରିତ ହୋଇ ଆନନ୍ଦରେ ପରସ୍ପର ସହ ଭାବ ବିନିମୟ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ପରେ ଏହି ବ୍ୟାଚର ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ନିରଞ୍ଜନ ନାୟକ, ଉପସଭାପତି ରୀନାରାଣୀ ମୁଦୁଲି , ସମ୍ପାଦକ ଭାବେ କଳ୍ପନା ନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଧ୍ୟାପକ ବିଜୟ କୁମାର ନାୟକ ଓ କୋଷାଧକ୍ଷ ଭାବେ ପ୍ରକାଶ କୁମାର ନାୟକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ତତସହିତ ସଂଯୋଜକ ଭାବେ ଅମର କୁମାର ରାଉତ, ଓ ନିରୁପମା ପ୍ରଧାନ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦନା ସାହୁ, ସବିତା ମହାନ୍ତି, ମମତା ରାଉତ, ଦିପ୍ତିମୟୀ ପାତ୍ର, ସୋମନାଥ ସାହୁ, ଦିଲୀପ କୁମାର ସାମଲ, ରାଜେଶ କୁମାର ସାମଲ, ଗୌରାଙ୍ଗ ଭଦ୍ର, ରବୀନ୍ଦ୍ର କୁମାର ରାଉତ, ନିରଞ୍ଜନ ସାହୁ, ମିହିର ମହାନ୍ତି, ପ୍ରଭାକର ନାୟକ ଓ ଅରବିନ୍ଦ ମିଶ୍ର ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ । ସର୍ବ ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦୋରା ଧନ୍ୟବାଦ ଦେଇଥିଲେ ।

# ରବି ଲାବଣ୍ୟଙ୍କ ଜୟନ୍ତୀରେ ସମ୍ବର୍ଦ୍ଧିତ ହେବେ ଆଦର୍ଶ ଶିକ୍ଷକ ଓ ବିଶିଷ୍ଟ ଚଳଚିତ୍ର ଅଭିନେତା

ଧର୍ମଶାଳା,୨୯/୪(ନି. ପ୍ର): ଯାଜପୁର ଜିଲା ଧର୍ମଶାଳାର ପ୍ରାକ୍ତନ ବିଧାୟକ ତଥା ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ ତମ ଜନ୍ମ ଜୟନ୍ତୀ ଆସନ୍ତା ମେ ମାସ ୩୦ ତାରିଖରେ ପାଳନ କରିବାକୁ ନିଷ୍ପତି ନିଆଯାଇଛି । ଏନେଇ ବନ୍ଦେ ଉତ୍କଳ ଜନନୀର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଧର୍ମଶାଳା ବ୍ଲକ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମିର୍ଜାପୁର ପଂଚାୟତ ପୂର୍ବତନ ସରପଂଚ ବିଷ୍ଣୁଚରଣ ବାରିକ, ପାଟପୁର ପଂଚାୟତର ପୂର୍ବତନ ସମିତି ସଭ୍ୟ ଶରତ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତି, ବନ୍ଦେ ଉତ୍କଳ ଜନନୀର ଉପସଭାପତି ତଥା ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, କୋଷାଧକ୍ଷ ତଥା ଆଇନଜୀବୀ ପ୍ରେମାନନ୍ଦ ବେହେରା, ଇଂ. ବିଜୟ କୁମାର ଜେନା, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଗଲଗଲି ଶଙ୍ଖ ପର୍ଯ୍ୟଟନ କ୍ଷେତ୍ର ଉନ୍ନୟନ କମିଟି ଆବାହକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ରବି ଲାବଣ୍ୟ ଧର୍ମଶାଳା ବାସୀଙ୍କ ସେବା କରିବା ସହିତ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନା ଗମନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ଭାଷା,ସାହିତ୍ୟ,କଳା, ସଂସ୍କୃତି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି ସେ ଜୀବନର ଶେଷ ପର୍ଯ୍ୟନ୍ତ ଧର୍ମଶାଳାବାସୀଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଧର୍ମଶାଳାବାସୀଙ୍କ ପାଇଁ ସେ ଯାହା କରିଯାଇଛନ୍ତି ତାହା ଚିର ସ୍ମରଣିୟ ହୋଇ ରହିବ ବୋଲି ମଂଚାସୀନ ଅତିଥିମାନେ ପ୍ରକାଶ କରିଥିଲେ । ଅଲେଖ ମହିମା ଧର୍ମଗୁରୁ ରବିନ୍ଦ୍ର ଦାଶ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ବୈଠକ ଆରମ୍ଭରେ ଜାମ୍ମୁକାଶ୍ମୀରର ପହେଲଗାଁଓ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ସହୀଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ମଇ ମାସ ୩୦ ତାରିଖ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜନ୍ମଦିନ ପଡୁଥିବାରୁ ଏହି ଦିନ ଜୟନ୍ତୀ ଉତ୍ସବକୁ ସଫଳତାର ସହିତ ପାଳନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଜୟନ୍ତୀ ଉତ୍ସବ ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ପ୍ରକାଶ କରାଯିବାପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଅମର ଆତ୍ମାର ଶାନ୍ତି ପାଇଁ ଜଣେ ଆଦର୍ଶ ଶିକ୍ଷକ ଏବଂ ଜଣେ ସ୍ୱନାମଧନ୍ୟ ଚଳଚିତ୍ର ଅଭିନେତାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଅମରେନ୍ଦ୍ର ମହାପାତ୍ର, ବ୍ରଜକିଶୋର ମହାନ୍ତି, ଦିବାକର ସାହୁ, ଶୁଭକାନ୍ତ ନାଏକ, ହରିହର ମହାପାତ୍ର, ପରିକ୍ଷିତ ସାହୁ, ଅଜୟ କୁମାର ପଧାନ, ମନୋଜ ଦାଶ, ମକରଧ୍ୱଜ ରାଉତ, ହୃଷିକେଶ ବେହେରା, ସୁଶାନ୍ତ ନାଏକ, ଦିପ୍ତିରଞ୍ଜନ ଜେନା, ଅସିତ କୁମାର ଜେନା, କିଶୋର ଜେନା, ପ୍ରଶାନ୍ତ ମିଶ୍ର, ଶ୍ୟାମସୁନ୍ଦର ଦାସ, ରବିନାରାୟଣ ବିଶ୍ୱାଳ, ଭରତ ଚନ୍ଦ୍ର ଦାସ, କୁଳମଣି ଦାଶ, ଅକ୍ଷୟ ରାଉତ, ଗୋପାଳ ସାମଲ, ରାଜେନ୍ଦ୍ର ଦାଶ, ଚକ୍ରଧର ସାହୁ, ରଣଜିତ ନାଏକ, ପ୍ରକାଶଚନ୍ଦ୍ର ପଣ୍ଡା, ଗଗନ ବିହାରୀ ରାଉତ, ରବିନ୍ଦ୍ର ବିଶ୍ୱାଳ, ସୁଧାକର ପଣ୍ଡା,ଶୈଳବାଳା ବେହେରା, କୁନିଲତା ବେହେରା, ମୀନତି ପଣ୍ଡା, ସୁଜିତା ଜେନା, ରଶ୍ମିତା ନାୟକ, ଦୀପିକା ବରାଳ, ଲକ୍ଷ୍ମିପ୍ରୀୟା ଜେନା, ରଞ୍ଜୁଲତା ସାହୁ, ପ୍ରମୁଖ ଶତାଧିକ ମହିଳା ପୁରୁଷ, ସାମାଜିକ କର୍ମୀ, ଶିକ୍ଷାବିତ, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସଂଯୋଜକ ପ୍ରଭାତ ପଣ୍ଡା, ନିତ୍ୟାନନ୍ଦ ବେହେରା, ସୁବାଶ ଦାସ, ବିନୋଦ ବିହାରୀ ପଣ୍ଡା, ସୁଦର୍ଶନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଜେଇ ହେଉଛି ପ୍ରବେଶ ଛକ

ଯୋଡ଼ା,୨୯/୪(ନି. ପ୍ର): ବଲାଣି ଖଣି ଓ ଖଣି ଟାଉନସିପ୍ ର ମୁଖ୍ୟ ଛକ ବିଜୁ ପଟ୍ଟନାୟକ ଛକ ଏବେ ସଜେଇ ହେଉଛି । ଏ ନେଇ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ଖଣିର ପ୍ଲାଂଟ ବିଭାଗର ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ବିଭାଗକୁ ଏହି ଗୁରୁଦାୟିତ୍ୱ ଦେଇଛନ୍ତି । ଖଣିର ମୁଖ୍ୟ ପ୍ରବେଶ ଫାଟକ ସମ୍ମୁଖରେ ଥିବା ଏହି ଛକ ଦେଇ ବଲାଣି ଖଣିର ଆବାସିକ କଲୋନୀ ସହିତ ଖଣି ଟାଉନସିପ୍ କୁ ରାସ୍ତା ସଂଯୋଗ କରୁଥିବା ବେଳେ ଏହି ଛକ ବଲାଣି ଖଣିର ପ୍ରବେଶ ଛକ ଭାବରେ ପରିଗଣିତ ହୋଇ ଆସୁଛି । ଏ ନେଇ ମୁଖ୍ୟ ମହାପ୍ରବନ୍ଧକ ଏହି ଛକକୁ ଆକର୍ଷଣୀୟ କରିବାକୁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ସୁଦ୍ଧା ଏହା ଫଳପ୍ରଦ ହୋଇ ପାରିନାହିଁ । ତେବେ ପୂର୍ବରୁ ଏହି ଛକକୁ ସୁନ୍ଦର ଭାବେ ସାଜସଜ୍ଜା କରିବାକୁ ମେକାନିକାଲ ବିଭାଗକୁ ଦାଇତ୍ୱ ଦିଆଯାଇଥିଲା । ସେ ସମୟରେ ପାଇପ ଓ ମୋଟର ଯୋଗେ ୱାଟର ଫାଉଂଟେନ ତିଆରି କରାଯିବା ସହିତ ସ୍ଥାନୀୟ କର୍ମଚାରୀଙ୍କ ଦ୍ୱାରା ଏକ ପ୍ରତିତାତ୍ମକ ହେଲିକପ୍ଟର ନିର୍ମାଣ କରାଯାଇଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ୱାଟର ଫାଉଂଟେନରୁ ପାଣି ଝରିବା ବନ୍ଦ ହୋଇଯାଇଥିଲା । ତେବେ ବିଭିନ୍ନ ଅନୁଷ୍ଠାନ ଓ ସ୍ଥାନୀୟ ବଲାଣି ଖଣିର ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଉକ୍ତ ଛକକୁ ସୁନ୍ଦର କରିବାକୁ ନିବେଦନ ପରେ ଖଣିର ମୁଖ୍ୟ ମହାପ୍ରବନ୍ଧକ ଉକ୍ତ ଛକକୁ ପୁନଃ ନିରୀକ୍ଷଣ କରି ବନ୍ଦ ପଡିଥିବା ୱାଟର ଫାଉଂଟେନକୁ କାର୍ଯ୍ୟକ୍ଷମ କରିବା ସହିତ ଏହାକୁ କିପରି ସୁନ୍ଦର କରାଯାଇପାରିବ ସେ ନେଇ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ପ୍ରକାଶଯୋଗ୍ୟ ଯେ, ବଲାଣି ଖଣି ପୂର୍ବରୁ ବାର୍ଡ ଆଣ୍ଡ କମ୍ପାନୀ ନାମକ ଏକ ଘରୋଇ କମ୍ପାନୀ ଅଧୀନରେ ଥିବା ବେଳେ ୧୮୭୯ ମସିହାରେ ବିଜୁ ପଟ୍ଟନାୟକ ଇସ୍ପାତ ମନ୍ତ୍ରୀ ଥିବା ସମୟରେ ଏଠାକାର ଶ୍ରମିକ ସଙ୍ଗଠନର ଶ୍ରମିକ ନେତାଙ୍କ ଚେଷ୍ଟା ଫଳରେ ଏହା ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧୀନକୁ ଆସିଥିଲା । ବିଜୁ ବାବୁଙ୍କ ବଲାଣି ପ୍ରତି ରହିଥିବା ଅତୁଳନୀୟ ଅବଦାନ କାରଣରୁ ଖଣି ସମ୍ମୁଖରେ ଥିବା ତାଙ୍କର ପ୍ରତିମୂର୍ତି ରହିଥିବା ଛକକୁ ଅତି ସୁନ୍ଦର ଭାବରେ ନିର୍ମାଣ କରିବାକୁ ବିଭିନ୍ନ ସମୟରେ ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି ।

# ଅମ୍ଳପିତ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୯/୪(ନି. ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ହାଇପର୍ ଏସିଡିଟି ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ, ଖରାଦିନେ ବାହାରର ରାଗ, ଖଟା, ତେଲ ଛଣା ଖାଦ୍ୟ ଖାଇବା, ବିଳମ୍ବିତ ରାତ୍ର ଯାଏଁ ଅନିଦ୍ରା, ଖରାରେ ଅଧିକ କାମ କରିବା ଓ ଯେଉଁ ବ୍ୟକ୍ତିର ତୀକ୍ଷ୍ଣ ଅଗ୍ନି, କ୍ଲେଦକ କଫ କ୍ଷୀଣ ସେହିମାନଙ୍କ ଆମାଶୟ, ଉଦରରେ ଅମ୍ଳ ସଂଚୟ ହୋଇ ଶୋଥ ଜାତ ହୁଏ । ଶୂଳ, ବକ୍ଷ ଜ୍ୱଳନ, ଅମ୍ଳ ହାକୁଟି, ଭ୍ରମ ଓ ଏଲର୍ଜି ଲକ୍ଷଣ ପ୍ରକାଶ ପାଏ । କାରଣ ସବୁକୁ ଛାଡି ଜୀରା, ଧନିଆ, ମେଥି, ପାନମଧୁରୀ, ଜୁଆଣି ପ୍ରତ୍ୟେକରୁ ତିନି ଗ୍ରାମ ଲେଖାଏଁ ପାଣିରେ ରାତ୍ର ବତୁରାଇ ସକାଳୁ ବତୁରା ପାଣି ସହ ଚୋବାଇ ଖାଇଲେ ଭଲ ହୋଇଯାଏ ।

# ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ବାଇକ ଶୋଭାଯାତ୍ରା ଓ ରକ୍ତଦାନ ଶିବିର

ସମ୍ବଲପୁର,୨୯/୪(ନି. ପ୍ର): ସମ୍ବଲପୁର ସହରରେ ପର୍ଶୁରାମ ଜନ୍ମୋତ୍ସବ ସମାରୋହରେ ପାଳିତ ହେବ। ଏହି ଉପଲକ୍ଷେ ଆଜି ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତି ପକ୍ଷରୁ ଏକ ନିର୍ବିବାଦୀୟ ଆକର୍ଷଣୀୟ ବାଇକ ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଷେତରାଜପୁର ବୈଷ୍ଣୋ ଦ୍ୱୋ ମନ୍ଦିରରୁ ଏହି ବାଇକ ଶୋଭାଯାତ୍ରା ବାହାରିଥିଲା । ଏହା ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡ଼ା, ଝାଡୁଆ ପଡ଼ା, ନନ୍ଦପଡ଼ା, ମାରୱାଡ଼ି ପଡ଼ା ଦେଇ ପର୍ଶୁରାମ ଭବନରେ ଶେଷ ହୋଇଥିଲା। ଏହି ବାଇକ୍ ଶୋଭାଯାତ୍ରାରେ ଶତାଧିକ ବୟୋଜ୍ୟେଷ୍ଠ ଓ ଆଧ୍ୟାତ୍ମିକ ଚେତନାର ବ୍ୟକ୍ତି ବିଶେଷ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା । ଏହାପରେ ପର୍ଶୁରାମ ଭବନ ମାରୱାଡ଼ି ପଡ଼ା ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୋଟ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ଦ୍ୱାଦଶତମ ଅଙ୍କୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ କାହାଣୀ ଚୁନି ମୁନିଙ୍କ ପାଇଁ ପୁସ୍ତକ ଉନ୍ମୋଚନ

ବଲାଙ୍ଗିର,୨୯/୪(ନି. ପ୍ର): ଶାନ୍ତିପଡା ଠାରେ ଅଙ୍କୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ଡାକ୍ତର ଅଶୋକ କୁମାର ସେଠୀଙ୍କର ଦ୍ୱିତୀୟ ଶିଶୁ ଗଳ୍ପ ସଂଙ୍କଳନ କାହାଣୀ ଚୁନିମୁନିଙ୍କ ପାଇଁ ଉନ୍ମୋଚନ ହୋଇଥିଲା । ଉକ୍ତ ସଭାରେ ଅଙ୍କୁର ର ସଭାପତି କସ୍ତୁରୀ ରଥ ସଭାପତିତ୍ୱ କରିଥିଲେ । ଏହିପରିପ୍ରେକ୍ଷୀରେ ବିଶିଷ୍ଟ ପ୍ରବଚିକା ଶିଶୁ ସାହିତ୍ୟିକା ଏଲୋରା ମିଶ୍ରଙ୍କୁ ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ତାପରେ ଶିଶୁ ଗଳ୍ପ ସଂଙ୍କଳନ କାହାଣୀ ଚୁନି ମୁନିଙ୍କ ପାଇଁ ଉନ୍ମୋଚନ ହୋଇଥିଲା । ପୁସ୍ତକଟି ସମୀକ୍ଷା କରିଥିଲେ ଅଙ୍କୁର ସହ-ସଂପାଦକ ସୁରଥ ସାହୁ । ଅଙ୍କୁରର ସଂପାଦକ ଡାକ୍ତର ଅଶୋକ କୁମାର ସେଠୀ ଓ ମଦନ ମୋହନ ରଥ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ପ୍ରେମଚାନ୍ଦ ମହାନ୍ତି ମଂଚାସିନ ଥିଲେ । ମୁଖ୍ୟ ବକ୍ତା ଦେବରାଜ ପାଣିଗ୍ରାହ ଶିଶୁ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମଂଚ ପରିଚାଳନା ଓ ଅତିଥି ପରିଚୟ କରିଥିଲେ ଚୁମୁକି ଦାସ । ଶେଷରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କବିତା ପାଠ ଉତ୍ସବକୁ ପରିଚାଳନା କରିଥିଲେ ଜ୍ୟୋସ୍ନାମୟୀ ତ୍ରିପାଠି । ଏହି କବିତା ପାଠ ଉତ୍ସବରେ ଉପସ୍ଥିତ ଥିଲେ ଭବାନୀ ପଟେଲ, ବଳିଷ୍ଠ ପ୍ରରଧାନ, ହୃଷିକେଶ ପୁରୋହିତ, ରଶ୍ମି ପାତ୍ର, ଚୁମକି ଦାସ, ଦେବରାଜ ପାଣିଗ୍ରାହୀ, ଚିତ ରଂଜନ ମିଶ୍ର, ଡାକ୍ତର ଲମ୍ବୋଦର ମେହେର, ଗିରିଜା ରଥ, ଧୀରେନ୍ଦ୍ର ନାରାୟଣ ସିଂହଦେଓ, ତପସ୍ୱିନି ପଶାୟତ, କପିଳ ପତି, ଜ୍ୟୋତିମୟୀ ମିଶ୍ର, ଡାକ୍ତର ଲକ୍ଷ୍ମୀପ୍ରିୟା ସେଠି । ଉକ୍ତ ସଭାରେ ସହଯୋଗ କରିଥିଲେ ଦୁର୍ଗା ସାହୁ, ଅରୁଣ ଖୁଆସ, ଚୁଡେନ୍ଦ୍ର ବେହେରା, ଗୋପିନାଥ ଦଣ୍ଡସେନା, ବାଳଗୋପାଳ ସିଂନିନା, ମଧୁ ସାହୁ, ପ୍ରଦିପ ପସାୟତ, ସତିଶ ବିଶି, ରାଧାକାନ୍ତ ବାଗ, ଆନନ୍ଦ ସାହୁ । ମାନପତ୍ର ପାଠ କରିଥିଲେ ସିତାଂଶୁ ନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ କେଶବ ଚନ୍ଦ୍ର ମିଶ୍ର ।

# ଅକ୍ଷୟ ତୃତୀୟା ଅକ୍ଷୟ ମୁଠି

## ଡକ୍ଟର ଲକ୍ଷ୍ମଣ ସାହୁ

ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ପର୍ବ ଅକ୍ଷୟ ତୃତୀୟା । ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ଘରେ ଘରେ ଏହି ପର୍ବ ବଡ଼ ଧୂମଧାମରେ ପାଳନ କରାଯାଏ । ଅକ୍ଷୟ ତୃତୀୟାକୁ ମା' ଲକ୍ଷ୍ମୀଙ୍କ ଦିନ ବୋଲି ବିବେଚନା କରାଯାଇଛି । ସେଥିପାଇଁ ଏହି ଦିନକୁ ସବୁଠାରୁ ଅଧିକ ଶୁଭ ବୋଲି କୁହାଯାଏ । ଏହି ଦିନ ବିବାହ, ନିର୍ବନ୍ଧ, ଗୃହ ପ୍ରବେଶ ସମେତ ସମସ୍ତ ପ୍ରକାର ଶୁଭ ମାଙ୍ଗଳିକ କାର୍ଯ୍ୟ କରାଯାଇଥାଏ । ଲୋକ ବିଶ୍ୱାସ ଅଛି ଯେ ଅକ୍ଷୟ ତୃତୀୟାରେ ସୁନା ଓ ରୂପା କିଣିବା ଦ୍ୱାରା ଘରକୁ ସୁଖ ସମୃଦ୍ଧି ଆସିଥାଏ । ଏହି ଦିନ ନୂତନ କାର୍ଯ୍ୟାରମ୍ଭ କରିବାରେ ମଧ୍ୟ ଜୀବନରେ ଅନେକ ସଫଳତା ମିଳିଥାଏ । ଅକ୍ଷୟ ତୃତୀୟା ଦିନ କିଛି ବାସ୍ତୁ ନିୟମ ପାଳନ କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି ।

ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ଭାବେ ପାଳନ କରାଯାଏ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ଗ୍ରହଣ କରିଥାନ୍ତି । ଏହିଦିନ କୃଷକ ପ୍ରଥମ କରି ଅମୃତ ବେଳାରେ ଅକ୍ଷିମୁଠି/ ଅକ୍ଷୟମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ପ୍ରକୃତରେ ହିନ୍ଦୁମାନେ ଏହି ଦିନକୁ ପବିତ୍ର ଶୁଭଦିନ ଭାବେ ମାନିନେଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ କରନ୍ତି । କୃଷକ ନିଜ ସ୍ତ୍ରୀ ଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଓ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି ବା ଅକ୍ଷୟ ମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି ।

ଶାସ୍ତ୍ରୀୟ ମତରେ ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମି ପୂଜା କରି ବୀଜବପନ କରୁଥିଲେ । ଭୂମି କର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ଭାବେ ବର୍ଣ୍ଣନା କରାଯାଉଛି ।

ଏହି ପବିତ୍ର ଶୁଭ ଦିନରେ ହିନ୍ଦୁମାନେ ଅକ୍ଷୟ ତୃତୀୟା ବ୍ରତ ପାଳନ କରନ୍ତି । ଲୋକ ବିଶ୍ୱାସ ଅଛି ଯେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତି ହୁଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି । ଗ୍ରୀଷ୍ମପ୍ରବାହର ଅସହ୍ୟ ତାପ ଯୋଗୁ ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏହି ସଂପର୍କରେ ଗୋଟିଏ ଚମତ୍କାର ଉପାଖ୍ୟାନ ଅଛି । କଥିତ ଅଛି ଯେ ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି କାହାକୁ ଦାନ ଧର୍ମକାର୍ଯ୍ୟ କରି ନଥିଲା । ଦିନେ ତା'



ଗୃହକୁ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲେ । ପାପୀ ବ୍ରାହ୍ମଣ ତାଂକୁ ଜଳ ନଦେଇ ନିଷ୍ଠୁର ଭାବେ ଅପମାନିତ କଲି ଗୃହରୁ ବିତାଡିତ କରୁଥିବା ସମୟରେ ହଠାତ୍ ତା'ର ସ୍ତ୍ରୀ ସୁଶିଳା ଆସି ସ୍ୱାମୀକୁ ସେଭଳି ମନ୍ଦ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ ଦେଲା ।

କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେବାରୁ ଯମ ଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମ ପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମ ଦୂତଙ୍କୁ ଜଳଭିକ୍ଷା କଲା । ଯମ ଦୂତମାନେ ତା'କୁ ତିରଷ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି କିପରି ଜଳଭିକ୍ଷା କରୁଛୁ ପାପୀ ? ସେହି ସମୟରେ ସ୍ୱୟଂ ଯମରାଜ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳ ପ୍ରଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟ ତୃତୀୟା ଦିନ ତା'ର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ କରିଥିଲା । ସ୍ତ୍ରୀର ପୁଣ୍ୟବଳରୁ ତା'ର ପାପ ଖଣ୍ଡନ ହୋଇଛି । ତେଣୁ ତା'ର ଆଉ ନର୍କଭୋଗ ଯୋଗ ନାହିଁ ।

ଅକ୍ଷୟ ତୃତୀୟା ସକଳ ଅନୁକୂଳ କରିବା ପବିତ୍ର ଦିନ ଭାବରେ କରାଯାଇଛି । ତେଣୁ ଏହିଦିନ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ ।

ଅକ୍ଷୟ ତୃତୀୟା ସହିତ ଜଡ଼ିତ ଅନେକ ପୌରାଣିକ ଗାଥା ରହିଛି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ନିଆଯାଇ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ବିଧାନ ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ନିୟମାନୁସାରେ ରଥନିର୍ମାଣ ଶୁଭ କରାଯାଏ । ଏପରିକି ଏହି ଦିନରୁ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ । ଏହା ଅକ୍ଷୟ ତୃତୀୟାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ବା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।

ହିନ୍ଦୁ ଓ ଜୈନ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏହି ପର୍ବ ବେଶ ଗୁରୁତ୍ୱ ବହନ କରେ । ଯେହେତୁ ଏହା ସବୁଠାରୁ ଶୁଭ ଦିନ ବୋଲି ବିବେଚନା କରାଯାଇଛି । ଅକ୍ଷୟ ତୃତୀୟାରେ ସମସ୍ତ ଆଧାତ୍ମିକ ଓ ବାସ୍ତୁ କାର୍ଯ୍ୟଗୁଡ଼ିକ ଆରମ୍ଭ ହୁଏ । ଏହି ଦିନ ସୁନା କିଣିବା ଶୁଭ ବୋଲି ବିବେଚନା କରାଯାଏ । କିନ୍ତୁ ଏହା ବ୍ୟତୀତ ପାଞ୍ଚଟି ଜିନିଷ ମଧ୍ୟ କିଣିଲେ ସୁନା ପରି ଭଲ ଲାଭ ଦେବା କୁହାଯାଏ । ଏହି ଦିନ ଏଗାରଟି କଉଡି କିଣି ପଦ୍ଧତିଗତ ଭାବରେ ପୂଜା କଲେ ଆଶୀର୍ବାଦ ମିଳିଥାଏ । ଏହା ବ୍ୟତୀତ ଦକ୍ଷିଣାବର୍ତ୍ତ ଶଙ୍ଖ କିଣିଲେ ଶୁଭ ଫଳ ମିଳିଥାଏ । ସେହିପରି ଏକ ଆଖି ନଡ଼ିଆ, ପଥର ଶିବଲିଙ୍ଗ ଓ କ୍ରିଷ୍ଟାଲ କଇଁଛ ମଧ୍ୟ କିଣିଲେ ପରିବାରରେ ଧନ, ସୁଖ, ସମୃଦ୍ଧତା ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇବା ବିଶ୍ୱାସ ରହିଛି ।

ଅକ୍ଷୟ ତୃତୀୟା ହିନ୍ଦୁ ଧର୍ମରେ ଏକ ଶୁଭ ଦିନ ଭାବରେ କେବଳ ବିବେଚନା କରାଯାଏ ନାହିଁ କି କିଣାକିଣି ଦୃଷ୍ଟିକୋଣରୁ ନୁହେଁ , ବରଂ ଆଧାତ୍ମିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅକ୍ଷୟ ତୃତୀୟା ଦିନ, ସକାଳୁ ଉଠି ଥଣ୍ଡା ପାଣିରେ ସ୍ନାନ କରି ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ପୂଜା କରାଯିବା ଉଚିତ୍ । ପୂଜା ସମୟରେ ଉଭୟଙ୍କ ନାଁରେ ଫଳ, ମିଠା ଓ ଧଳା ଫୁଲ ଅର୍ପଣ କରି ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ମନ୍ତ୍ର ଜପ କରିବା ଉଚିତ୍। ବିଶେଷକରି ହିନ୍ଦୁ ଓ ଜୈନ ସୁନା କିଣିବାକୁ ଜିଦ୍ କରିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହି ଦିନ ସୁନା କିଣିଲେ ଆଗାମୀ ବର୍ଷରେ ଶୁଭଫଳ ଓ ସମୃଦ୍ଧତା ଆଣିଥାଏ । କେବଳ ସେତିକି ନୁହେଁ, ଜୈନ ଧର୍ମରେ ଅକ୍ଷୟ ତୃତୀୟା ଦିନ ଭଗବାନ ଋଷଭ ଦେବଙ୍କ ଦିନ ବୋଲି ବିବେଚନା କରାଯାଏ । ଋଷଭନାଥ ଜୈନ ଧର୍ମର ପ୍ରଥମ ତିର୍ଥଙ୍କର ଥିଲେ । ଏହି ଦିନ ସେ ଆଖୁ ରସ ପିଇ ନିଜର ଗୋଟିଏ ବର୍ଷର ତପସ୍ୟା ସମାପ୍ତ କରିଥିଲେ । ତେଣୁ ଜୈନ ଧର୍ମର ଅନୁଗାମୀମାନେ ଏହି ଅକ୍ଷୟ ତୃତୀୟାରେ ଉପବାସ ବ୍ରତ ପାଳନ କରି ଶେଷରେ ଆଖୁ ରସ ପିଇ ନିଜର ତପସ୍ୟା ଶେଷ କରନ୍ତି ।

ପଞ୍ଜଙ୍ଗ ଅନୁଯାୟୀ ଅକ୍ଷୟ ତୃତୀୟା ଅକ୍ଷୟ ତେଜ ନାମରେ ମଧ୍ୟ ଜଣାଶୁଣା । ଅକ୍ଷୟ ଅର୍ଥାତ୍ ଯାହା କେବେ ବି କ୍ଷୟ ହୁଏ ନାହିଁ କିମ୍ବା ନଷ୍ଟ ହୁଏ ନାହିଁ । ଏହି ପର୍ବର ମାହାତ୍ମ୍ୟ ବିଭିନ୍ନ ପୁରାଣପୋଥୀରେ ଯଥା ବିଷ୍ଣୁ ଧର୍ମ ସୂତ୍ର, ମତ୍ସ୍ୟ ପୁରାଣ, ନାରଦୀୟ ପୁରାଣ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣାନା ଦେଖିବାକୁ ମିଳେ । ଅକ୍ଷୟ ତୃତୀୟା ଏପରି ଏକ ମୁହୂର୍ତ୍ତ କିମ୍ବା ଏପରି ଏକ ତିଥି ଯେଉଁଥିରେ କି ସବୁ ପ୍ରକାରର ଶୁଭ କାର୍ଯ୍ୟ କରାଯାଇଥାଏ । ଧାର୍ମିକ ଗ୍ରନ୍ଥରେ କୁହାଯାଇଛି ଯେ ଅକ୍ଷୟ ତୃତୀୟା ଦିନ କରାଯାଇଥିବା ଦାନ ଓ ଗୁଣାତ୍ମକ କାର୍ଯ୍ୟର ଫଳ କେବେ ବି ନଷ୍ଟ ହୁଏ ନାହିଁ । ସମସ୍ତ ଶୁଭ କାର୍ଯ୍ୟ ପଞ୍ଜାଙ୍ଗ ନ ଦେଖି କରାଯାଇଥାଏ । ବିବାହ କରିବା, ସୁନା କିଣିବା, ଲକ୍ଷ୍ମୀଙ୍କୁ ପୂଜା କରିବା ଅକ୍ଷୟ ତୃତୀୟା ଦିନ ବିଶେଷ ମହତ୍ତ୍ୱ ରହିଛି । ପୃଥିବୀରେ ଦେବତାମାନେ ଅବତାର ନେଇଥିଲେ । ସେଥିମଧ୍ୟରୁ ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ଥିଲା ।

ବିଶ୍ୱାସ କରାଯାଏ ଯେ ପ୍ରଭୁ ପର୍ଶୁରାମ ଓ ହଏଗ୍ରୀବଙ୍କର ଜନ୍ମ ଅକ୍ଷୟ ତୃତୀୟା ଦିନ ହୋଇଥିଲା । ଅକ୍ଷୟ ତୃତୀୟା ଦିନ, ଦ୍ୱାପର ଯୁଗ ସମାପ୍ତ ହେଲା ଓ ତ୍ରେତୟା ଯୁଗ ଆରମ୍ଭ ହେଲା । ମହାଭାରତର ଯୁଦ୍ଧ ଅକ୍ଷୟ ତୃତୀୟା ଦିନ ଶେଷ ହୋଇଥିଲା । ଏହି ଦିନଠାରୁ, ବେଦବ୍ୟାସ ଓ ବିଘ୍ନବିନାଶକ ଭଗବାନ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ । ତେଣୁ ଏହି ଦିନ ଯେକୌଣସି କାର୍ଯ୍ୟାରମ୍ଭ କଲେ ଆଗକୁ କୌଣସି ବିଘ୍ନ ଘଟିନଥାଏ ।ଏହି ଦିନ ଭଗବାନ ବିଷ୍ଣୁଙ୍କର ଚରଣରୁ ଧରିତ୍ରୀରେ ଗଙ୍ଗା ଅବତରିତ ହୋଇଥିଲେ । ସତ୍ୟ ଯୁଗ, ଦ୍ୱାପର ଓ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା । ଅକ୍ଷୟ ତୃତୀୟା ଦିନ ସୁଦାମା ଭଗବାନ କୃଷ୍ଣଙ୍କୁ ଭେଟିବାକୁ ଆସିଥିଲେ । ସୁମତି ଦେଇଥିବା ଖୁଦ ଭଜାରେ କୃଷ୍ଣ ସଂତୋଷ ହୋଇ ସଖା ସୁଦାମାଙ୍କୁ କୁବେରଙ୍କ ସମାନ ଧନ ସଂପଦ ଐଶ୍ୱର୍ଯ୍ୟ ଦେଇଥିଲେ । ଏହି ପବିତ୍ର ଦିନରେ ବ୍ରହ୍ମାଙ୍କ ପୁତ୍ର ଅକ୍ଷୟ କୁମାର ଆର୍ବିଭାବ ହୋଇଥିଲେ । ଅକ୍ଷୟ ତୃତୀୟାରେ ମଧ୍ୟ ଶ୍ରୀବଦ୍ରିନାଥଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଏ ଓ ଶ୍ରୀଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରାଯାଏ । ବଦ୍ରିନାରାୟଣଙ୍କ ଦ୍ୱାର ମଧ୍ୟ ଏହି ତିଥିରୁ ଖୋଲିଥାଏ । ବୃନ୍ଦାବନସ୍ଥିତ ଶ୍ରୀବାଙ୍କେବିହାରୀ ମନ୍ଦିରରେ ପ୍ରଭୁଙ୍କ ପାଦ ଦର୍ଶନ କେବଳ ଏହିଦିନ ହୋଇଥାଏ । କାରଣ ବର୍ଷସାରା ଠାକୁର ପୋଷାକରେ ଆଚ୍ଛାଦିତ ହୋଇ ରହିଥାନ୍ତି ।

ବିଶ୍ୱାସ କରାଯାଏ ଯେ ଅକ୍ଷୟ ତୃତୀୟା ଉପରେ, ଭଲ ଆଚରଣ ଓ ଗୁଣ ସହିତ ଅନ୍ୟମାନଙ୍କ ଆଶୀର୍ବାଦ ଗ୍ରହଣ କରିବା ଆବଶ୍ୟକ। ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ଉପାସନା ବିଶେଷ ଫଳପ୍ରଦ ବୋଲି ବିବେଚନା କରାଯାଏ । ଅକ୍ଷୟ ତୃତୀୟାରେ କରାଯାଇଥିବା ଆଚରଣ ଓ ଭଲ କାର୍ଯ୍ୟଗୁଡ଼ିକ ଅକ୍ଷୟ ହୋଇ ରହିଥାଏ । ଏହି ଦିନକୁ ରୋଷେଇ ଘର ଓ ରୋଷେଇ ଘରର ଖାଦ୍ୟ ଦେବୀ ମାତା ଅନ୍ନପୂର୍ଣ୍ଣାଙ୍କ ଜନ୍ମଦିନ ଭାବରେ ବିବେଚନା କରାଯାଏ। ଅକ୍ଷୟ ତୃତୀୟା ଦିନ ମାତା ଅନ୍ନପୂର୍ଣ୍ଣାଙ୍କୁ ମଧ୍ୟ ପୂଜା କରି ଭଣ୍ଡାରକୁ ପୂର୍ଣ୍ଣ ରଖିବା ପାଇଁ ମା'ଙ୍କଠାରୁ ଆଶୀର୍ବାଦ ନିଆଯାଏ । ଅନ୍ନପୂର୍ଣ୍ଣାଙ୍କ ଉପାସନା ଦ୍ୱାରା ରୋଷେଇ ଘର ଓ ଖାଦ୍ୟର ସ୍ୱାଦକୁ ବଢିଥାଏ ।

ନିଷ୍କର୍ଷରେ କୁହାଯାଇପାରେ ଯେ କଳିଯୁଗର ନକାରାତ୍ମକ ପ୍ରଭାବରୁ ବଞ୍ଚିବା ପାଇଁ ଏହି ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରି ଦାନ ଅବଶ୍ୟ କରିବା ଉଚିତ୍ । ଏହା କରିବା ଦ୍ୱାରା ଆର ଜନ୍ମରେ ସମୃଦ୍ଧ,ଐଶ୍ୱର୍ଯ୍ୟ ଓ ସୁଖର ପ୍ରାପ୍ତି ହୋଇଥାଏ । ଶୁଭ କର୍ମ ଆଡକୁ ଅଗ୍ରସର ହେବା, ମନ ବଚନ ଓ କର୍ମ ଦ୍ୱାରା ନିଜର ମନୁଷ୍ୟ ଧର୍ମର ପାଳନ କରିବା ହିଁ ଅକ୍ଷୟତୃତୀୟା ପର୍ବର ସାର୍ଥକତା ହୋଇଥାଏ..!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫୧୪୭୫

# ତୃଷାର୍ତ୍ତଙ୍କୁ ଜଳଦାନ କରନ୍ତୁ ଅକ୍ଷୟ ତୃତୀୟାରେ

## ପୁଷ୍ପମିତ୍ର ମହାପାତ୍ର

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ । ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ - ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି । ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ - 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ' । ତେଣୁ ଏହାର ନାମ ଅକ୍ଷୟ ତୃତୀୟା । ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀ ପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବି ପରିବାର ଉକ୍ତି ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ। ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି। ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି। ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱତ ବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି। ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସ୍ୱର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ। କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖା ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ। କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ଚି ବସୁଧା ମାତାର ପୂଜନ କରାଯାଏ। ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ। ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକ୍ରମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଐଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ। ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରି ଗୃହିଣୀ କୃଷକ ଘରକୁ ଫେରିଲେ ଅପେକ୍ଷାରତ କୃଷକର ସାଦକୁ ସମସ୍ତ ପଦାର୍ଥ ସଜାଡ଼ି ରଖି ଆନୀତ ମୁଠି ଅନୁକୂଳ ପିଠାପଣା ଗ୍ରାମର ଶିଶୁମାନଙ୍କୁ ବିତରଣ ପୂର୍ବକ ପ୍ରସ୍ତୁତ ପିମ୍ପେଦଙ୍କୁ ପ୍ରଦାନ କରନ୍ତି। ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ। ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ସେକ୍ଟର-୬, ସିଡିଏ, କଟକ,
ମୋ : ୯୪୩୭୨୨୫୬୮୯,

# ଅକ୍ଷୟ ତୃତୀୟା ପର୍ବର ବୈଜ୍ଞାନିକ ତଥ୍ୟ

## ଇଂ. ଅଭୟ ସୂତାର

ଅକ୍ଷୟ ତୃତୀୟା ଓଡ଼ିଶାର ଏକ ମୁଖ୍ୟ କୃଷିପର୍ବ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଏ । ଏହି ଦିନ ଚାଷୀ ତାହାର ଚାଷକାର୍ଯ୍ୟର ଶୁଭ ଆରମ୍ଭ କରେ । ପରିବାରର ଆବାଳ ବୃଦ୍ଧବନିତା ଏହି କୃଷି ପର୍ବକୁ ଉପଭୋଗ କରନ୍ତି । ଚାଷୀ ଗୃହିଣୀ ସକାଳୁ ଗୋବରରେ ଘର ଲିପାଲିପି, ଆଣରେ ଚିତା ପ୍ରୟୋଗ କରି ଧରିତ୍ରୀ ମା'ର ପୂଜା ପାଇଁ ସଜବାଜ କରେ। ଗୃହକର୍ତ୍ତା ଶୁଦ୍ଧ ପରିବେଶରେ ନୂଆ ଲୁଗା ପିନ୍ଧି, ନୂଆ ବେତ ଟୋକେଇରେ ଧାନ, ଖତ, ଫୁଲ, ଚନ୍ଦନ ଏବଂ ଲଙ୍ଗଳ ଫାଳ ଧରି ଧରଣୀ ମା'ର ପୂଜା ପାଇଁ ସକାଳୁ ସକାଳୁ ବାହାରେ । ଘରର ପିଲାମାନେ ଶୁଭଶଙ୍ଖ ଫୁଙ୍କି ପୂଜାପାଇଁ ଗୃହକର୍ତ୍ତାଙ୍କୁ ବିଦାୟ ଦିଅନ୍ତି। ଚାଷୀ ଜମିକୁ ଫାଳରେ ଖୋଳି, ଖତ ପ୍ରୟୋଗ କରି ପୂଜା ପରେ ନେଇଥିବା ଧାନ ବିଲରେ ବୁଣି ଧରିତ୍ରୀ ମା'କୁ ମୁଣ୍ଡିଆ ମାରି ଆଗାମୀ ବର୍ଷରେ ଭଲ ଧାନ ଫସଲ ହେଉ ବୋଲି ଗୁହାରିକରେ । ସରଳ ବିଶ୍ୱାସୀ ଚାଷୀ ମନରେ ଏସବୁ ବୈଜ୍ଞାନିକ ତାତ୍ପର୍ଯ୍ୟ ସ୍ପର୍ଶ କରିପାରେ ନାହିଁ । ଯାହା ହେଉ ଅମାରଭରା ଧାନ ପାଇବା ପାଇଁ ସେ ପୂଜାବିଧିରେ ବ୍ୟସ୍ତ ରହେ ।

ଧାନ ଫସଲ ଏକ ଉତ୍ତାପ ଏବଂ ଜଳ ସହଣୀ ଫସଲ । ବିହନ ବୁଣା ପୂର୍ବରୁ ଚାଷୀ ଧାନକୁ ଓଳିଆରେ ବାନ୍ଧି ରଖିଥାଏ। ଓଳିଆରୁ ମଞ୍ଜି ବାହାରିବା ସକାଶେ ବୁଣିବା ପୂର୍ବରୁ ଆମେ ତାକୁ ବିଶୋଧନ କରିବାକୁ ପଦକ୍ଷେପ ନେଉ, କାରଣ ଧାନ ବହୁଦିନଧରି ଓଳିଆରେ ରହି କେତେକ ରୋଗ ଓ ପୋକ ଆକ୍ରମଣର ସୁଯୋଗ ସୃଷ୍ଟି କରିଥାଏ । ଚାଷୀକୁ ଔଷଧ ପ୍ରୟୋଗ କରି ଏହାର ପ୍ରତିକାର କରିବା ପୂର୍ବରୁ ଜଣା ନଥିଲା । ତେଣୁ ପ୍ରକୃତି ଉପରେ ନିର୍ଭର କରି ରୋଗ ପୋକର ପ୍ରତିରୋଧ କରାଉଥିଲେ।

ଧାନ ମଞ୍ଜିରେ ୧୦ ରୁ ୧୨ ଭାଗ ଜଳୀୟ ଅଂଶ ରହିଲେ ବିହନ ସୁରକ୍ଷିତ ହୁଏ । ଅକ୍ଷୟ ତୃତୀୟା ଦିନଠାରୁ



ଭୂପୃଷ୍ଠରେ ଉତ୍ତାପ ବଢ଼ି ବଢ଼ି ଚାଲେ । ମାଟିର ଉତ୍ତାପ ବାୟୁମଣ୍ଡଳର ଉତ୍ତାପଠାରୁ ଅଧିକ ହୁଏ । ଧାନ ବିହନ ୫୦ ଡ଼ିଗ୍ରୀ ଓ ଜଳୀୟ ଅଂଶକୁ ବାଷ୍ପିକରଣ କରି ଆବଶ୍ୟକ ପରିମାଣକୁ ଆସେ । ଏହି ଉତ୍ତାପରେ ବିହନ ଓ ମାଟିରେ ଥିବା କେତେକ କ୍ଷତିକାରକ କବକ ମରିଯାଆନ୍ତି। ତେଣୁ ବିହନ ଓ ମାଟି ବିଶୋଧନ ହୁଏ । ପରବର୍ତ୍ତୀ ଅବସ୍ଥାରେ ଧାନ ଫସଲ ନିରୋଗ ହୁଏ ।

ବୈଶାଖ ମାସ ପ୍ରାରମ୍ଭରୁ ସୂର୍ଯ୍ୟ ଦକ୍ଷିଣାୟନ ଦିଗରେ ଗତି କରି ଦିବସର ସମୟ ବଢ଼ାଏ ଏବଂ ରାତ୍ରିର ସମୟ କମାଏ। ଏହାଦ୍ୱାରା ଭୂ-ପୃଷ୍ଠର ଉତ୍ତାପ ବଢ଼ି ଚାଲେ । ଭୂପୃଷ୍ଠରେ ଜଳ ବାଷ୍ପିକରଣ ହୁଏ । କୈଶିକ ରନ୍ଧ୍ର ଦେଇ କ୍ଷୁଦ୍ର ଜଳ କଣା ଭୂପୃଷ୍ଠକୁ ଉଠେ । ମାଟିର ଉତ୍ତାପକୁ ନିୟନ୍ତ୍ରଣ କରାଏ । ତେଣୁ ଧାନ ମଞ୍ଜି ଗଜା ହେବାରେ ସାହାଯ୍ୟ କରେ ।

ମାଟି ଏକ ଭୌତିକ ବସ୍ତୁ । ଏହା ବହୁ ଉପକାରୀ ଏବଂ ଅପକାରୀ ଜୀବାଣୁର କେନ୍ଦ୍ରସ୍ଥଳୀ । ବିଶେଷକରି, ଗଭୀର ମାଟିରେ ବହୁ ଅପକାରୀ ଜୀବାଣୁ ଲୁଚି ରହି ଉପଯୁକ୍ତ ପରିସ୍ଥିତିକୁ ବଂଶ ବିସ୍ତାର କରନ୍ତି । କିନ୍ତୁ ଉର୍ବର ମାଟିର ଅଧିକ ଉତ୍ତାପରେ ସେମାନେ ବଂଶ ବିସ୍ତାର କରି ପାରନ୍ତି ନାହିଁ । ଏହି ସମୟରେ ଜମିକୁ ହଳ କରି ମାଟିକୁ ଓଲଟ ପାଲଟ କରିଦେଲେ ଗଭୀର ମାଟିରେ ଥିବା ପୋକର ଅଣ୍ଡା, ଜୀବାଣୁ ଏବଂ ଅପକାରୀ କୀଟାଣୁ ଭୂପୃଷ୍ଠକୁ ଆସି ଅତ୍ୟଧିକ ସୂର୍ଯ୍ୟତାପରେ ମରନ୍ତି ଏବଂ ସେମାନଙ୍କର ଦେହାଂଶ ବିଶେଷ ମାଟିର ଜୈବିକ ଗୁଣ ବଢ଼ାଇବାରେ ସାହାଯ୍ୟ କରେ । ତେଣୁ ଚାଷୀ ଏହାର ଉପଯୁକ୍ତ ସୁଯୋଗ ନେବା ପାଇଁ ଜମି କର୍ଷଣ କରି ଧାନ ବୁଣା କାର୍ଯ୍ୟ ଆରମ୍ଭ କରେ । ଦ୍ୱିତୀୟତଃ, ଅଧିକ ଉତ୍ତାପ ହେତୁ ମାଟିର ଜୈବ ଅଙ୍ଗାର ଜାଗ୍ରତ ହୋଇଥାଏ । ମାଟି ହଳ କରି ଖତ ପ୍ରୟୋଗ ପରେ ଚାଷୀ ଧାନ ବୁଣେ । ଏହାଦ୍ୱାରା ମଞ୍ଜି ଖତ ପାର୍ଶ୍ୱରେ ଥିବା ସବୁ ଜଳକଣା ଏବଂ ଏଥିରୁ ଧିରେ ନିର୍ଗତ ଖାଦ୍ୟ ଶିଶୁ ଚାରାକୁ ଯୋଗାଏ।

ଅକ୍ଷୟ ତୃତୀୟା ପରଠାରୁ ମାଟିର ଉତ୍ତାପ ବଢ଼ିବା ସହ ବୁଣା ଯାଇଥିବା ଧାନ ବିହନର ଭୃଣ ସଙ୍କୁଚିତ ହୋଇ ସୁପ୍ତ ଅବସ୍ଥାରେ ଥାଏ । ରଜ ପର୍ବ ପାଖାପାଖି ବୃଷ୍ଟିପାତ ହେଲେ ମାଟିର ଉତ୍ତାପ ଧୀରେ ଧୀରେ କମି ୪୦ ରୁ ୪୫ଡ଼ିଗ୍ରୀ ସେଲ୍‌ସିୟସକୁ ଆସେ । ଏହି ଉତ୍ତାପ ସୁପ୍ତ ଭୃଣକୁ ଅଙ୍କୁରିତ କରିବାରେ ସାହାଯ୍ୟ କରେ । ମାଟିର ସଂରକ୍ଷିତ ଜଳ ଏବଂ ଉପଯୁକ୍ତ ଉତ୍ତାପ ପାଇ ସୁପ୍ତ ଭୃଣ ଗଜା ହୁଏ । ଏହା ପରେ ପରେ ବର୍ଷା ଋତୁ ପାଖେଇ ଆସେ । ଜଳବାୟୁ ଏବଂ ମାଟିର ଉତ୍ତାପ ପାଇ ଶିଶୁ ଚାରା ବଢ଼େ। ମାଟି ଫସଫସିଆ ଏବଂ ନରମ ହୋଇଥିବାରୁ ଶିଶୁ ଚାରାର କଅଁଳ ଚେର ମାଟିକୁ ସହଜରେ ପ୍ରବେଶ କରି ବଢ଼େ । ପ୍ରଥମ ଅବସ୍ଥାରେ ଧାନ ଅଧିକ ଉତ୍ତାପ ସହିଆସୁଥିବାରୁ ବର୍ଷା ପାଣି ପାଇ ବଢ଼େ। ଧାନ ଉଭୟ ଉତ୍ତାପ ଏବଂ ପାଣି ସହଣୀ ଫସଲ ହୋଇଥିବାରୁ, ପରବର୍ତ୍ତୀ ଅବସ୍ଥାରେ ଅଧିକ ପିଲ ଦେଇ ବଢ଼େ । ଫସଲ ରୋଗପୋକର ପ୍ରାଦୁର୍ଭାବ କମେ। ଚାଷୀ ଅମାର ଭରା ଧାନ କାଟେ।

ଭାତ ଆମର ପ୍ରଧାନ ଖାଦ୍ୟ। ବର୍ଷକର ଆହାର କିପରି ସୁରୁଖୁରୁରେ ବିନା ପ୍ରାକୃତିକ ବିପର୍ଯ୍ୟୟ ସହିପାଇପାରିବ , ସେଥିପାଇଁ ଓଡ଼ିଶା ଚାଷୀ ଆମର ଆରାଧ ଦେବତା ଜଗନ୍ନାଥ ଏବଂ ଲକ୍ଷ୍ମୀଭରା ମା' ଲକ୍ଷ୍ମୀ ଦେବୀଙ୍କୁ ପୂଜା ଅର୍ଚ୍ଚନା କରି ଅକ୍ଷୟ ତୃତୀୟା ଦିନରୁ ଚାଷକାର୍ଯ୍ୟର ଶୁଭାରମ୍ଭ କରେ, କାରଣ ଏହି ଦିନ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ପର୍ବର ଶୁଭ ଆରମ୍ଭ ହୁଏ। ତେଣୁ ଓଡ଼ିଆ କୃଷକ ଏବଂ କୃଷକ ଗୃହିଣୀ ପାଇଁ ଏହା ଏକ ମହାନ ପରମ୍ପରା । ଏହି ପବିତ୍ର ପରମ୍ପରା ବଞ୍ଚି ରହିବା ପାଇଁ ଆମେ ସମସ୍ତେ ସଚେତନ ହେବା ଉଚିତ।

+ସଦସ୍ୟ, ଓଡ଼ିଶା ବିଜ୍ଞାନ
ଏକାଡେମୀ,ଭଦ୍ରକ
ମୋ.: ୯୪୩୭୩୭୬୯୬୭
୭୦୭୭୩୪୮୫୪୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୂଟନୀତିକ ଲଢ଼େଇ...

ଦୀର୍ଘ ପାଞ୍ଚ ବର୍ଷ ପରେ ତିବ୍ବତ ଅଞ୍ଚଳରେ ଥିବା କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ କରାଯିବା ସମ୍ପର୍କରେ ଗତ ଶନିବାର ଦିନ ଘୋଷଣା କରିଛନ୍ତି ଭାରତ ସରକାର। କୋଭିଡ୍- ୧୯ ମହାମାରୀ ଏବଂ ଲଦାଖ୍ ସେକ୍ଟରରେ ୨୦୨୦ରେ ଭାରତ ଓ ଚୀନ୍ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଘଟିଥିବା ସଂଘର୍ଷ ଯୋଗୁଁ ବନ୍ଦ ରହିଥିବା ଏହି ଯାତ୍ରା ପୁଣି ଆରମ୍ଭ ହେବା ଚୀନ୍ ସହିତ ଭାରତର ସମ୍ପର୍କ ସ୍ୱାଭାବିକ ହେବା ଦିଗରେ ଆଉ ଏକ ପଦକ୍ଷେପ । ଏହି ଯାତ୍ରାର ସମ୍ପୂର୍ଣ୍ଣ ପ୍ରକ୍ରିୟା ୨୦୧୫ଠାରୁ ସମ୍ପୂର୍ଣ୍ଣ ଭାବରେ କମ୍ପ୍ୟୁଟରୀକରଣ କରାଯାଇଥିବା ବେଳେ ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ସମ୍ପନ୍ନ କରାଯିବାକୁ ସ୍ଥିର ହୋଇଥିବା ଏହି ତୀର୍ଥଯାତ୍ରା ଉତ୍ତରାଖଣ୍ଡର ଲିପୁଲେଖ୍ ଏବଂ ସିକ୍କିମ୍‌ର ନା ଥୁଲା ଦେଇ କରାଯିବ। ନିକଟରେ ଶେଷ ହୋଇଥିବା ମହାକୁମ୍ଭ ଭଳି କୈଳାସ ମାନସରୋବର ଯାତ୍ରା ଯାହା କୈଳାସ ପର୍ବତ ଏବଂ ମାନସରୋବର ହ୍ରଦ ଦର୍ଶନ ଉଦ୍ଦେଶ୍ୟରେ ସମ୍ପାଦିତ ହୋଇଥାଏ, ତାହା କେବଳ ହିନ୍ଦୁମାନଙ୍କ ନିମନ୍ତେ ନୁହେଁ, ଜୈନ ଏବଂ ବୌଦ୍ଧ ଧର୍ମର ଲୋକମାନଙ୍କ ନିମନ୍ତେ ମଧ୍ୟ ବେଶ୍ ମହତ୍ତ୍ୱ ବହନ କରିଥାଏ। ତେବେ ଚୀନ୍ ଅଧିକୃତ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଅବସ୍ଥିତ ଏହି ତୀର୍ଥସ୍ଥାନ ଭାରତ ଓ ଚୀନ୍ ସମ୍ପର୍କରେ ତିକ୍ତତା ଦେଖାଦେବା କାରଣରୁ ଗତ ପାଞ୍ଚ ବର୍ଷ ଧରି ସ୍ଥଗିତ ରହିଥିଲା, ଯାହାର କାରଣ ଥିଲା ମୁଖ୍ୟତଃ ଦୁଇ ଦେଶଙ୍କ ମଧ୍ୟରେ ଦେମ୍ଚୋକ୍ ଏବଂ ଦେପ୍‌ସାଙ୍ଗଠାରେ ରହିଥିବା ଏଲ୍‌ସିରେ ଉତ୍ତେଜନାମୂଳକ ପରିସ୍ଥିତି । ଗତ ବର୍ଷ ଅକ୍ଟୋବର ୨୧ ତାରିଖରେ ଏକ ଚୁକ୍ତି ଫଳରେ ଏବେ ଏହି ଦୁଇ ସ୍ଥାନରୁ ଉଭୟ ଦେଶ ସେମାନଙ୍କ ନିଜ ନିଜର ସେନାଙ୍କୁ ପ୍ରତ୍ୟାହାର କରି ନେଇଛନ୍ତି। ଉପରୋକ୍ତ ଦିବସର ଦୁଇ ଦିନ ପରେ ରୁଷିଆର କାଜାନ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ମଧ୍ୟରେ ସାକ୍ଷାତ ଆଲୋଚନା କାଳରେ ଉଭୟ ଦ୍ୱିପାକ୍ଷିକ ବାର୍ତ୍ତାଳାପ ବ୍ୟବସ୍ଥାର ପୁନରୁଦ୍ଧାର କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଏହା ପରେ ଦୁଇ ପକ୍ଷଙ୍କ ମଧ୍ୟରେ ବିଗତ କିଛି ମାସ ଭିତରେ ବେଶ୍ କେତେ ସଂଖ୍ୟକ ବୈଠକ ଅନୁଷ୍ଠିତ ହୋଇ ସାରିଛି ଯେଉଁଗୁଡ଼ିକ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ଉଦ୍ଦିଷ୍ଟ । ଗତ ଜାନୁଆରୀ ମାସରେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ବେଜିଂ ଗସ୍ତ କରିବା ଅବସରରେ ତାଙ୍କର ଚୀନା ପ୍ରତିପକ୍ଷ ସନ୍ ୱିଡଙ୍ଗ ସହିତ ଆଲୋଚନା କରିଥିଲେ । ଏହି ସମୟରେ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ ସଙ୍ଗେ ସଙ୍ଗେ ସମ୍ପର୍କକୁ 'ସ୍ଥିର ଏବଂ ପୁନଃନିର୍ମିତ' କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପାଞ୍ଚ ବର୍ଷର ଅନ୍ତରାଳ ପରେ ମାନସରୋବର ଯାତ୍ରା ପୁଣିଥରେ ଆରମ୍ଭ କରାଯିବା ହେଉଛି ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏକ ଛୋଟ ପଦକ୍ଷେପ। ୧୯୮୧ ମସିହା ପରଠାରୁ ଖୁବ୍ କମ୍ ସଂଖ୍ୟକ ଭାରତୀୟ ପ୍ରତି ବର୍ଷ ଏହି ତୀର୍ଥଯାତ୍ରାରେ ଯାଉଥିଲେ- ପ୍ରଥମ ବର୍ଷ, ଅର୍ଥାତ୍ ୧୯୮୧ରେ ଏହି ତୀର୍ଥଯାତ୍ରୀଙ୍କ ସଂଖ୍ୟା ମାତ୍ର ୫୯ ଜଣ ଥିବା ବେଳେ ୨୦୧୭ରେ ଏହି ସଂଖ୍ୟା ବୃଦ୍ଧି ପାଇ ୯୧୯ରେ ପହଞ୍ଚି ଥିଲା। ୨୦୨୦ରେ କୋଭିଡ୍-୧୯ ମହାମାରୀ ଏହି ଯାତ୍ରା ପଥରେ ଏକ ବିରାଟ ଅନ୍ତରାୟ ସାଜିବା ପରେ ପରେ ଗଲୱାନ୍ ଘାଟୀରେ ଭାରତ ଓ ଚୀନ୍ ସେନାଙ୍କ ମଧ୍ୟରେ ସଂଘର୍ଷ ଏହା ଉପରେ ଆଉ ଏକ ବଡ଼ ପରଦା ଟାଣିଦେଲା। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ରୁଷିଆଠାରେ ସମ୍ପାଦିତ ରାଜିନାମାର ଏକ ଅଂଶ ଭାବରେ ଏହି ଯାତ୍ରାର ଆରମ୍ଭ ହେବାକୁ ଯାଉଛି । ଚଳିତ ବର୍ଷ ଏହି ଯାତ୍ରାରେ ୭୫୦ ଜଣ ଯାତ୍ରୀ ଯିବା ନିମନ୍ତେ ସ୍ଥିର ହୋଇଛି। ଯଦିଓ କେବଳ ମାନସରୋବର ଯାତ୍ରାର ପୁନରାରମ୍ଭ ବିଶ୍ୱର ଦୁଇ ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ତଥା ଦୁଇ ପ୍ରମୁଖ ଅର୍ଥନୀତିଙ୍କ ମଧ୍ୟରେ ବିଶ୍ୱାସର ପୁନରୁଦ୍ଧାର କରି ପାରିବ ନାହିଁ, ତଥାପି ଏହା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଲୋକ-ଲୋକଙ୍କ ଭିତରେ ସମ୍ପର୍କକୁ ପୁନଃସ୍ଥାପିତ କରିବାରେ ସହାୟକ ହେବ, ଯଦ୍ୱାରା ସେମାନଙ୍କ ମଧ୍ୟରେ ବୁଝାମଣାରେ ଉନ୍ନତି ଘଟିବ। ହଜାର ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟର ସ୍ମୃତି ସହିତ ସମୃଦ୍ଧ ଇତିହାସ ରହିଥିବା ସହିତ ଭାରତ ଏବଂ ଚୀନ୍- ଦୁଇ ପ୍ରାଚୀନ ସଭ୍ୟତା- ସମଗ୍ର ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିଥିଲେ, ତଥାପି ସେମାନେ ସେମାନଙ୍କ ନିଜ ନିଜର ପୃଥକ୍ ପରିସର ମଧ୍ୟରେ କାର୍ଯ୍ୟ କରୁଥିଲେ ବୋଲି କେବେହେଲେ ପରସ୍ପର ସହିତ ସଂଘର୍ଷ କରି ନଥିଲେ। ହଜାର ହଜାର ବର୍ଷ ଧରି ଭାରତ ଚୀନ୍‌ର ଆଧିପତ୍ୟକୁ କେବେହେଲେ ଭୟ କରି ନଥିଲା। ସେହିଭଳି ସମଗ୍ର ଦକ୍ଷିଣପୂର୍ବ ଏସିଆ ଯେତେବେଳେ ବସ୍ତୁତଃ ଭାରତୀୟ ଭାଷାଭାଷୀ ଏବଂ ଏହାର ଚଳଣି ବା ଇଣ୍ଡୋସ୍ଫିୟର ଦ୍ୱାରା ପ୍ରଭାବିତ ହୋଇ ଏହାର ଏକ ଅଂଶବିଶେଷ ହେଲା, ଚୀନ୍ ମଧ ସେତେବେଳେ ଭାରତକୁ ନେଇ ଏତେ ଚିନ୍ତିତ ନଥିଲା। ଲ୍ୟୁୟାଙ୍ଗ୍ କେବେହେଲେ କନୌଜରୁ ଶିକ୍ଷାଲାଭ କରିବାକୁ କୁଣ୍ଠାବୋଧ କରି ନଥିଲେ କି ଜଣେ ଭାରତୀୟ- ଗୌତମ ବୁଦ୍ଧ-ଙ୍କୁ ଈଶ୍ୱର ଭାବରେ ଆରାଧନା କରିବାକୁ ସଂକୋଚ କରି ନଥିଲେ। ସାମ୍ପ୍ରତିକ ସମୟରେ ଯେହେତୁ ଭାରତ ବା ଚୀନ୍‌କୁ ବିଶ୍ୱର କୌଣସି ଦେଶ ଅସ୍ଥିରତା ଦେଇ ଗତି କରୁଥିବା ଦେଖିବାକୁ ଚାହାନ୍ତି ନାହିଁ, କାରଣ ଏହା କୌଣସି ଦେଶ ପାଇଁ ମଙ୍ଗଳକାରକ ନୁହେଁ, ତେଣୁ ଉଭୟ ଦେଶ ବର୍ତ୍ତମାନ ପରସ୍ପର ସହିତ ସୁସମ୍ପର୍କ ବଜାୟ ରଖି ସହାବସ୍ଥାନ କରିବାର ଜରୁରୀ ଆବଶ୍ୟକତା ରହିଛି ଏବଂ ସେମାନେ ଏହା କରିବା ଉଚିତ। ଯଦି ଭାରତ ଏବଂ ଚୀନ୍ ସେମାନଙ୍କ ମଧ୍ୟରେ ଯୁଗ ଯୁଗ ଧରି ରହିଥିବା ଭରସାର ପୁନରୁଦ୍ଧାର କରି ପାରନ୍ତି, ତା'ହେଲେ ଏହା ସମଗ୍ର ବିଶ୍ୱ ଏବଂ ଏହାର ଅଧିବାସୀମାନଙ୍କର ପ୍ରଭୂତ ମଙ୍ଗଳ ସାଧନ କରି ପାରିବ । ଆଶା କରାଯାଏ, ମାନସରୋବର ଯାତ୍ରା ଏ ଦିଗରେ ଏକ ପ୍ରକୃଷ୍ଟ ପ୍ରାରମ୍ଭ କରିବାକୁ ଯାଉଛି । ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ କୈଳାସପତି ଶିବ ଉଭୟ ଦେଶଙ୍କୁ ପୁଣିଥରେ ସ୍ନେହ ସୌହାର୍ଦ୍ଦ୍ୟର ବନ୍ଧନରେ ବାନ୍ଧିବେ ।

# ଅନୁକୂଳର ମହାପର୍ବ ଅକ୍ଷୟ ତୃତୀୟା

**ଭୋଳାନାଥ ସାହୁ**

ଅକ୍ଷୟ ତୃତୀୟା ଏକ କୃଷିଭିତିକ ପର୍ବ। ବୈଶାଖମାସ ଶୁକ୍ଳପକ୍ଷ ତୃତୀୟା ଦିନକୁ 'ଅକ୍ଷୟ ତୃତୀୟା' କହନ୍ତି। ଏହି ଶୁଭଦିନ ବା ପବିତ୍ର ଦିନରେ ଆମକୁ ଅନ୍ନ ଯୋଗାଉଥିବା କୃଷକ ତାର କୃଷିକର୍ମର ଶୁଭାରମ୍ଭ କରିଥାଏ । ଚାଷୀଭାଇ ଅକ୍ଷୟ ତୃତୀୟା ଦିନ ବଡ଼ି ଭୋରରୁ ଉଠି ନିତ୍ୟକର୍ମଶେଷ କରିବା ପରେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଘର ଅଗଣାକୁ ଗୋବରରେ ଲିପି କଳସିଟିଏ ପ୍ରତିଷ୍ଠା ପୂର୍ବକ ଦୀପଟିଏ ଜାଳନ୍ତି। ନୂତନ ଭାରରେ ଧାନ, ଗଉଣୀ, ପୂଜା ସାମଗ୍ରୀ, ଜଳ ପ୍ରଭୃତି ସାଥିରେ ନେଇ କ୍ଷେତ ଅଭିମୁଖେ ବାହାରି ପଡ଼ନ୍ତି। ଗୃହିଣୀମାନେ ଶଙ୍ଖ, ଘଂଟା, ହୁଳହୁଳି ଦେଇ ଶୁଭମନାସୀ ସ୍ୱାମୀ ମାନଙ୍କୁ କୃଷିକ୍ଷେତକୁ ପଠାଇଥାଆନ୍ତି । କ୍ଷେତର ଏକ ନିର୍ଦ୍ଦିଷ୍ଟ କୋଣରେ ଚାଷୀଭାଇ ବିଧିପୂର୍ବକ ଭୂମି ପୂଜା ଓ ଲକ୍ଷ୍ମୀପୂଜନ ଶେଷ କରି ଅଧିକ ଫସଲ ଅମଳ ଆଶା ନେଇ ଧାନମୁଠି ଅନୁକୂଳ କରିଥାନ୍ତି । ଏଥିପାଇଁ କୃଷକଙ୍କୁ ପୂର୍ବଦିନରୁ କ୍ଷେତକୁ ପାଣିଦେଇ ଲଙ୍ଗଳ କିମ୍ବା କୋଦାଳ ଦ୍ୱାରା ଅକ୍ଷିମୁଠି ବାଡ଼ିବାସ୍ଥାନ ପ୍ରସ୍ତୁତ କରିଥାନ୍ତି। ଏହାସହିତ ନୂତନ ଭାର, ଶିକା, ଝୁଡ଼ି ବା ବୋଝ, ଗଉଣି, ଗୃହ ପ୍ରଭୃତିକୁ ଝୋଟି ଚିତାରେ ସଜାଇ ଶୁକ୍ଳଧାନ ସହିତ ପ୍ରସ୍ତୁତ କରି ରଖିଥାନ୍ତି । ଅକ୍ଷିମୁଠି ପାଳନ କରିସାରିବା ପରେ ସେଦିନ ଗୃହିଣୀ ମାନେ ଅରୁଆ ଚାଉଳରେ ଖେଚୁଡ଼ି ଓ ପିଠାପଣା ପ୍ରସ୍ତୁତ କରି ପଳାଶପତ୍ରରେ ପରିବାରର ସମସ୍ତ ସଦସ୍ୟଙ୍କୁ ଖାଇବାକୁ ଦେଇଥାନ୍ତି। ଏହିପର୍ବକୁ 'କୃଷକ ଦିବସ' ଭାବରେ ମଧ ନାମିତ କରାଯାଏ । ଏହିଦିନରେ ଚାଷୀକୁଳ ଧରିତ୍ରୀ ମାତାଙ୍କର ଆଶୀର୍ବାଦ ଭିକ୍ଷା କରିଥାନ୍ତି।

ଅକ୍ଷୟ ଶବ୍ଦର ଅର୍ଥ ହେଉଛି - ନକ୍ଷୟ ଇତି ଅକ୍ଷୟ । ଅର୍ଥାତ ଯାହାର କୌଣସି କ୍ଷୟ ନଥାଏ ତାହା ହିଁ ଅକ୍ଷୟ ଭାବରେ ପରିଚିତ। ସେହି ବିଶ୍ୱାସ ଆମ ଲୋକଚଳଣିରେ ପ୍ରଚଳିତ ଅଛିଯେ ଅକ୍ଷୟ ତୃତୀୟାରୁ ଯେଉଁକର୍ମମାନ ଆରମ୍ଭ କରାଯାଏ ସେଥିରେ କୌଣସି କ୍ଷୟ ହୁଏ ନାହିଁ ବରଂ ବୃଦ୍ଧି ଆଉ ସୌଭାଗ୍ୟ ପରିଲକ୍ଷିତ ହୋଇଥାଏ। ତେଣୁ ଏହିଦିନଟି ଏକ ଶୁଭଦିନ, ମଙ୍ଗଳଦିନ, ପବିତ୍ରଦିନ ଭାବରେ ଗଣ୍ୟ। ଯେକୌଣସି ଗୃହ କର୍ମ, ନୂଆକର୍ମ, ଶୁଭକର୍ମର ଶୁଭାରମ୍ଭ କଲେ ଏଥିରେ ପୂର୍ଣ୍ଣ ସଫଳତା ମିଳିଥାଏ। ସତ୍ୟ ଯୁଗରେ ପ୍ରବଳ ପ୍ରତାପୀ ଅକ୍ଷୟାସୁରର ଅତ୍ୟାଚାରରେ ସମଗ୍ର ପୃଥିବୀ ଥରହର ହୋଇଥିଲା। ସ୍ୱର୍ଗର ଦେବତା ମାନେ ମଧ ସ୍ୱର୍ଗପୁର ଛାଡ଼ି ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ଭଗବାନ ବିଷ୍ଣୁ ଅକ୍ଷୟ ତୃତୀୟା ଦିନ ଅକ୍ଷୟାସୁରର ନିଧନ କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ଅକ୍ଷୟାସୁରର ନାମ ଅନୁଯାୟୀ ଏହି ଦିବସଟି 'ଅକ୍ଷୟ ତୃତୀୟା' ନାମରେ ନାମିତ।

ଅକ୍ଷୟ ତୃତୀୟା ଅନୁକୂଳର ମହାପାର୍ବ। ଅକ୍ଷୟ ତୃତୀୟାରେ ଆରମ୍ଭ କରାଯାଉଥିବା ସମସ୍ତ କର୍ମ, ଦାନ ପ୍ରଭୃତିର ଅକ୍ଷୟ ଫଳପ୍ରାପ୍ତି ମିଳିଥାଏ । ବହୁପୁରାତନ କାଳରୁ ଅକ୍ଷୟ ତୃତୀୟାରେ ବିଶିଷ୍ଟ କାର୍ଯ୍ୟମାନ ସମ୍ପାଦିତ ହୋଇ ବିଶ୍ୱର ଗାରିମା ବୃଦ୍ଧି କରିଥିବାରୁ ଅକ୍ଷୟ ତୃତୀୟାକୁ 'ବିଶ୍ୱ ଐତିହ୍ୟ ଦିବସ' ଭାବରେ ମଧ ପାଳନ କରାଯାଏ । ଉତ୍କଳର ଆରାଧ୍ୟ ଦେବତା ଜଗତରନାଥ ଜଗନ୍ନାଥଙ୍କର ବାର ଯାତ୍ରା ମଧ୍ୟରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥଶୁଭକାଠର ଅନୁକୂଳ ଏହି ପବିତ୍ର ଦିବସରୁ ଆରମ୍ଭ କରାଯାଇଥାଏ । ରଥଯାତ୍ରା ନିମନ୍ତେ ରଥଚକ ସହିତ ଅଖର ସଂଯୋଗ ଅର୍ଥାତ ରଥପ୍ରସ୍ତୁତିର ଶୁଭାରମ୍ଭ ହୋଇଥାଏ । ମହାପ୍ରଭୁଙ୍କର ବର୍ଷର ଶେଷ ଶ୍ରେଷ୍ଠଯାତ୍ରା ଚନ୍ଦନଯାତ୍ରାର ଆରମ୍ଭ ମଧ ଅକ୍ଷୟ ତୃତୀୟାରୁ ହୋଇଥାଏ । ଏହି ଦିନରେ ପଶ୍ଚିମ ଓଡ଼ିଶାରେ ଜ୍ୱାଇଁ ମାନଙ୍କୁ ନିମନ୍ତ୍ରଣ କରି ନୂତନବସ୍ତ୍ର ପିନ୍ଧାଇ ଆମ୍ବ, ଖଜୁରି, ତରଭୁଜ, କାକୁଡ଼ି, ଲିଚୁ, କେନ୍ଦୁ ପ୍ରଭୃତି ଫଳଦ୍ୱାରା ଆପ୍ୟାୟିତ କରିଥାନ୍ତି । ଏହି ଦିବସଟି ପଶ୍ଚିମ ଓଡ଼ିଶାରେ 'ଜ୍ୱାଇଁ ପୂଜନ ଦିବସ' ଭାବରେ ପାଳିତ ହୁଏ। ପ୍ରତ୍ୟେକ ଜନନୀ ଏହି ଦିନରେ ନିଜ ନିଜର ସନ୍ତାନ ମାନଙ୍କର ମଙ୍ଗଳକାମନା କରି 'ଷଠୀଜିଉଛେଇ' ପୂଜା କରିଥାନ୍ତି। ଏହା ସହିତ ଶିଶୁ ମାନଙ୍କୁ ଖୁସି କରିବା ପାଇଁ ଲିଆ, ମୁଢ଼ି ପ୍ରଭୃତି ପ୍ୟାକ କରି ବାଂଟିଥାନ୍ତି।

ଅକ୍ଷୟ ତୃତୀୟା ଦିନଟିକୁ ଯୁଗସୃଷ୍ଟିର ପ୍ରଥମ ଯୁଗ ସତ୍ୟଯୁଗର ପ୍ରଥମ ଦିବସ ବୋଲି କୁହାଯାଏ। ବ୍ୟାସଦେବଙ୍କ ମହାଭାରତ ପରି ଶ୍ରେଷ୍ଠ ପବିତ୍ର ଗ୍ରନ୍ଥ ରଚନା, ସଗର ବଂଶର ମୁକ୍ତି ନିମନ୍ତେ ଭଗୀରଥଙ୍କ ଦ୍ୱାରା ଧରାପୃଷ୍ଠକୁ ଗଙ୍ଗାଙ୍କର ଅବତରଣ, ଦ୍ୱାରକାଧିପତି ସଖା ସୁଦାମାଙ୍କ ଠାରୁ ଖୁଦଭଜା ଭକ୍ଷଣ, ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ସୃଷ୍ଟିର ସର୍ଜନା, ତ୍ରେତୟାଯୁଗର ପ୍ରଥମ ଦିବସର ଆରମ୍ଭ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଦୌପଦୀଙ୍କୁ କୋଟିବସ୍ତ୍ର ଦାନ ଓ ଲଜ୍ଜା ନିବାରଣ, ସୂର୍ଯ୍ୟଦେବଙ୍କ ଦ୍ୱାରା ଧର୍ମରାଜ ଯୁଧିଷ୍ଠିରଙ୍କୁ ଅକ୍ଷୟ ଅନ୍ନପାତ୍ର ଦାନ, ପଂଚୁପାଣ୍ଡବଙ୍କ ସମେତ ସଖା ଶ୍ରୀକୃଷ୍ଣଙ୍କୁ ସନ୍ତୁଷ୍ଟକରିବା ଓ ଦୁର୍ବାସା ଋଷିଙ୍କ କ୍ରୋଧରୁ ମୁକ୍ତ କରିବା, କୁବେର ଶିବଙ୍କୁ ତପସ୍ୟାକରି ପ୍ରସନ୍ନ କରିବା ପ୍ରଭୃତି ଶ୍ରେଷ୍ଠ କର୍ମମାନ ଅକ୍ଷୟ ତୃତୀୟା ଦିନରୁହିଁ ଆରମ୍ଭ ହୋଇଥିଲା। ଏହି ପୂଣ୍ୟ ତିଥିରେ ଗୀତଗୋବିନ୍ଦକାର କବି ଜୟଦେବ, ପଂଚମ ଅବତାରୀ ପୁରୁଷ ପର୍ଶୁରାମଙ୍କ ଜନ୍ମ ଓ ମାତା ଲକ୍ଷ୍ମୀଙ୍କ ଜନ୍ମ ହୋଇଥିଲା।

ଅକ୍ଷୟ ତୃତୀୟା ସୁଖ, ସମୃଦ୍ଧି ଓ ସୌଭାଗ୍ୟର ପର୍ବ । ଏହି ଦିନଟି ପ୍ରତ୍ୟେକଙ୍କ ନିମନ୍ତେ ଏକାନ୍ତ ଭାବରେ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଦିନରେ ଆରମ୍ଭ ହେଉଥିବା ଗୃହ କର୍ମ, ନୂଆକର୍ମ, ବିବାହ, ବ୍ରତକର୍ମ ପ୍ରଭୃତି ଏକାନ୍ତ ଭାବରେ ଶୁଭଙ୍କର। ଶୁଭ ଆଶୀର୍ବାଦ ଲାଭ କରିବା ପାଇଁ ବ୍ରାହ୍ମଣ - ଗରିବ - ଭିକାରୀଙ୍କୁ ଦାନ ଓ ସେବା କରନ୍ତୁ, ଗୋଦାନ - ଗୋ ସେବା - ଗୋରୁଙ୍କୁ ଖାଦ୍ୟ ଭକ୍ଷଣ କରାନ୍ତୁ, ଗଙ୍ଗା ସ୍ନାନ କିମ୍ବା ଗଙ୍ଗାଜଳରେ ସ୍ନାନ କରନ୍ତୁ, ମନ୍ଦିରକୁ ଯାତ୍ରା ପୂର୍ବକ ଦେବାଦେବୀଙ୍କୁ ପୂଜା ପାଠ କରନ୍ତୁ, ଘର - ଗାଡ଼ି-ବସ୍ତ୍ର-ସୁନା-ବାସନକୁସନ ପ୍ରଭୃତି କ୍ରୟ କରନ୍ତୁ, ଭଣ୍ଡାର କ୍ଷୟମୁକ୍ତ ଅନ୍ନଦାନ କରନ୍ତୁ, ପିଆଜ-ରସୁଣ- ଆମିଷ ଭକ୍ଷଣ ପରିହାର କରନ୍ତୁ। କାହାପାଖରେ ଏସବୁ କରିବା ପାଇଁ ଅର୍ଥ ନଥାଇପାରେ ସତ; ମାତ୍ର କରିବା ପାଇଁ ଇଚ୍ଛାଶକ୍ତି ରହିବା ଉଚିତ। ଏହାକୁ ସଶକ୍ତ କରନ୍ତୁ। ଏଥିପାଇଁ ଭଗବାନଙ୍କର ନାମ ସଂକୀର୍ତନ ପୂର୍ବକ ଭାବବୃଦ୍ଧି କରନ୍ତୁ । ସମର୍ପିତ ଭକ୍ତ ଭାବରେ ଭଗବାନଙ୍କର ଷୋହଳନାମ ବତିଶ ଅକ୍ଷର ଜପକରନ୍ତୁ । ଦେଖିବେ ଅକ୍ଷୟ ତୃତୀୟା ଆମ ସଂସ୍କୃତିର ଶୁଚିମନ୍ତ ପ୍ରତୀକ ହୋଇ ରହିଛି ଏବଂ ଆଗକୁ ରହିବ - ଏହା ନିଃସନ୍ଦେହ ।


ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ

ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ

ଦୂରଭାଷ-୯୯୩୭୧୫୧୩୧୦


# ଚକ୍ରବ୍ୟୂହରେ କୃଷକ ଓ ଚାଷର ଭବିଷ୍ୟତ



**ସୁବାସ କୁମାର ତାରଣିଆଁ**

ଭାରତ ଏକ କୃଷି ପ୍ରଧାନ ଦେଶ। ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଏକଦା କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କୃଷିଜୀବି ରାଷ୍ଟ୍ର ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଦେଶର ୧୨୦ କୋଟି ଜନତା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି। କାରଣ ବିନା ଖାଦ୍ୟରେ ମଣିଷ ଜୀବନ ଯାପନ କରିବା ଅସମ୍ଭବ। ତେଣୁ ଚାଷୀମାନେ ହିଁ ଖାଦ୍ୟର ଅଭାବକୁ ପୂରଣ କରିଥାନ୍ତି। ସେଥିପାଇଁ ଚାଷୀଙ୍କୁ ଅନ୍ନଦାତା ବୋଲି କୁହାଯାଏ। ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ। 'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ଏହି ଉକ୍ତିଟିକୁ ପ୍ରମାଣିତ କରି ଚାଷୀଟି ବଡ଼ି ଭୋରରୁ କଂସାଏ ପଖାଳ ଓ ଶାଗଭଜା ଖାଇ ତାର ଅତି ଆପଣାର ସାଥୀ ବଳଦଙ୍କୁ ଯୋଚି ଲଙ୍ଗଳ ଧରି ବିଲକୁ ଯାଏ ଚାଷ କାମ ପାଇଁ। ଖରା ବର୍ଷାକୁ ଖାତିର ନ କରି ନିଜ ଜମିକୁ ଉର୍ବର କରି ସୁନାର ଫସଲ ଫଳାଇବା ପାଇଁ ଅହରହ ପ୍ରୟାସ କରିଥାଏ। ସମୟର ପରିବର୍ତ୍ତନ ଫଳରେ ପୁରାତନ ଚାଷ ପଦ୍ଧତିକୁ ଛାଡ଼ି ଆଧୁନିକ ପଦ୍ଧତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଓ ରାସାୟନିକ ସାର ପ୍ରୟୋଗ ମାଧ୍ୟମରେ କିପରି କମ୍ ଜମିରେ ଅଧିକ ଫସଲ ଅମଳ କରିପାରିବ ସେଥିପ୍ରତି ଅଧିକ ଦୃଷ୍ଟି ଦେଉଛି ଚାଷୀ।

ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ମଧ ଚାଷୀ ଅବଦାନ ଅତୁଳନୀୟ। କାରଣ ଆମ ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ପଡ଼ୋଶୀ ରାଷ୍ଟ୍ରକୁ ପଠାଯାଉଥିବା ବେଳେ ପଡ଼ୋଶୀ ରାଷ୍ଟ୍ରରେ ଉତ୍ପାଦିତ ଦ୍ରବ୍ୟ ମଧ ଆମ ଦେଶକୁ ଆସିଥାଏ ଯାହାକୁ ଆମଦାନୀ ଓ ରପ୍ତାନୀ କୁହାଯାଏ। ବେଳେ ବେଳେ କିଛି କୁଟନୈତିକ ଶକ୍ତି ପ୍ରୟୋଗ କରି ଅନେକ ରାଷ୍ଟ୍ର ଆମ ଦେଶକୁ ଦ୍ରବ୍ୟ ରପ୍ତାନୀ କରିବାରେ ଜାଣିଶୁଣି ସମସ୍ୟା ସୃଷ୍ଟି କରନ୍ତି। ଫଳରେ ଦେଶରେ କଳାବଜାରୀ ଓ ଅଭାବୀ ବିକ୍ରି ଦେଖାଦିଏ ଏବଂ ଏଥିପାଇଁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହୁଏ, ଯାହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଥିବା ବେଳେ ଏହାର ଫାଇଦା ନେଅନ୍ତି କିଛି ଅସାଧୁ ବ୍ୟବସାୟୀମାନେ। ତେବେ ଯେଉଁ କୃଷକ ଦିନ ରାତି ପରିଶ୍ରମ କରି ନିଜ ରକ୍ତକୁ ପାଣି କରି ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି, ସେହି କୃଷକ ଏବେ ଘୋର ସଙ୍କଟ ଦେଇ ଗତିକରୁଛି ଓ ଚାଷର ଭବିଷ୍ୟତ ମଧ ଅନ୍ଧାରରେ। ସେହିପରି କୃଷକର ପ୍ରଧାନ ପର୍ବ ଅକ୍ଷୟ ତୃତୀୟା। ଏହି ପବିତ୍ର ଦିନରେ କୃଷକମାନେ ବଡ଼ିଭୋରରୁ ଅକ୍ଷିମୁଠି ଅନୁକୂଳ କରି ନିଜ କ୍ଷେତରେ ବିହନ ବୁଣି ପ୍ରଥମେ ଚାଷ ଆରମ୍ଭ କରିଥାଏ। ଯେଉଁ ଚାଷକୁ ଅମଳ କରି କୃଷକଭାଇମାନେ ସାରା ଦେଶକୁ ଖାଦ୍ୟ ଯୋଗାଇଥାଏ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ପବିତ୍ର ଦିନକୁ ଛୁଟି ଘୋଷଣା କରିବାକୁ କୃଷକଭାଇମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା କୃଷକମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। କାରଣ କୃଷକ ଆଜି ଉପଯୁକ୍ତ ପ୍ରୋତ୍ସାହନରୁ ବଞ୍ଚିତ। ଯଦି ଚାଷୀକୁ ଉପଯୁକ୍ତ ପ୍ରୋତ୍ସାହନ ସହିତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇପାରିବ, ତେବେ ଜଣେ ଚାଷୀ ଭଲ ଫସଲ ଉତ୍ପାଦନ କରିପାରିବ ଓ ଚାଷ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନର ରାଶି ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀ ଅଭାବରୁ ଫସଲରେ କ୍ଷତି ଘଟୁଛି ଏବଂ ଚାଷୀ ଆତ୍ମହତ୍ୟା କରୁଛି। ସେହିପରି ଦୈବ ଦୁର୍ବିପାକ ଘଟଣା ପାଇଁ ମଧ ଚାଷ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ'। ଜଳସେଚନ ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦିଆ ନଯିବାରୁ ଜଳ ସଙ୍କଟରୁ ଚାଷୀ ମରୁଡ଼ିର ସମ୍ମୁଖୀ ହେଉଛି ଓ ଅତ୍ୟଧିକ ବୃଷ୍ଟିବାତ ଓ ବନ୍ୟା ଫଳରେ କ୍ଷେତରେ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଫସଲ ପଚି ନଷ୍ଟ ହୋଇଯାଉଛି। ଫଳରେ ଚାଷୀଟି ଋଣ କରି ଚାଷରେ ଲଗାଇଥିବା ପୁଞ୍ଜି ଶୁଝି ନପାରି ଆତ୍ମହତ୍ୟା କରୁଛି।

ଆମ ଦେଶରେ ସରକାରୀ ପଦପଦବୀରେ ଅବସ୍ଥାପିତ ବଡ଼ ବଡ଼ ଅଫିସରଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ କିରାଣୀ ଓ ପିଅନ ପର୍ଯ୍ୟନ୍ତ ନିଜର ଚାକିରୀ କାଳ ମଧ୍ୟରେ ନିଜର କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ତୁଳନାରେ ଢେର ଅଧିକ ଦରମା ପାଇବା ସହିତ ସରକାରୀ ସୁବିଧା ଯଥା ମାଗଣା ଘର, ଗାଡ଼ି, ସ୍ୱାସ୍ଥ୍ୟ ସେବା, ଇପିଏଫ୍ ଓ ଇଏସ୍‌ଆଇ ଇତ୍ୟାଦି ସୁବିଧା ପାଉଛନ୍ତି ଏବଂ ଅବସର ପରେ ସାରା ଜୀବନ ପେନ୍‌ସନ ପାଇ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଅତିବାହିତ କରୁଛନ୍ତି। ସେହିପରି ରାଜନୀତି କ୍ଷେତ୍ରରେ ଜନପ୍ରତିନିଧିମାନେ ମାତ୍ର ୫ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ ମଧ ପାଞ୍ଚ ବର୍ଷ ମଧ୍ୟରେ ନିଜର ମୋଟା ଅଙ୍କର ଦରମା ସହିତ ଅସାଧୁ ଉପାୟରେ ପ୍ରଚୁର କଳାଧନ ଠୁଳ କରି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପେନ୍‌ସନ ପାଇ ଜୀବନ ଅତିବାହିତ କରନ୍ତି ଏବଂ ପାରିବାରିକ ରାଜନୀତିକୁ ଆପଣେଇ ନିଜେ ରାଜନୀତିରୁ ଦୂରେଇ ରହି ନିଜ ପୁଅ, ଝିଅଙ୍କୁ ସୁଯୋଗ ଦେଇ ଟଙ୍କାର ପାହାଡ଼ ସୃଷ୍ଟିକରି ଚଳନ୍ତି ବହୁ ବିଳାସପୂର୍ଣ୍ଣ ଅଟ୍ଟାଳିକାର ମାଲିକ ବନୁଥିବା ବେଳେ ଚାଷୀଟି ନିଜ କ୍ଷେତରୁ ଚାଷକାର୍ଯ୍ୟ ସାରି ଘରକୁ ଫେରିଲା ପରେ ଘରେ ରୋଷେଇ କରିବା ପାଇଁ ସଉଦା ନଥିବା ବେଳେ ଅର୍ଥ ଅଭାବରୁ ପୁଅର ପାଠପଢାରେ ଡ଼ୋରୀ ବନ୍ଧା ହେଉଛି, ଋଣ ପରିଶୋଧ କରିନପାରିବାରୁ ଗାଁ ସାହୁକାରଙ୍କ ଜୁଲମ୍ ଚାଷୀକୁ ଆତ୍ମହତ୍ୟା କରିବାକୁ ଏକ ପ୍ରକାର ବାଧ କରୁଛି, ପରିବାରର ଆର୍ଥିକ ସ୍ଥିତିକୁ ହୃଦୟଙ୍ଗମ କରି ଚଷା ପୁଅ ଝିଅମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନେତା, ମନ୍ତ୍ରୀମାନେ ସେମାନଙ୍କ ଝିଅ ବାହାଘରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସୁଥିବା ବେଳେ ଜଣେ କୃଷକ ନିଜ ଝିଅ ବାହାଘର ପାଇଁ ଅର୍ଥ ଅଭାବରୁ ଘରର ପଟ୍ଟା ପାଉତି ଗାଁ ସାହୁକାର ପାଖରେ ବନ୍ଧା ପକାଇଲାଣି ତ ଆଉ କେଉଁଠି ତାର ଅତି ଆପଣାର ସାଥୀ ନିଜର ବଳଦକୁ ବିକିବାକୁ ବାଧ ହେଉଛି।

ଅପର ପକ୍ଷରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଚାଷୀ ପ୍ରତି ଶକ୍ତ ଧକ୍କା ଲାଗିଛି। ଫଳରେ ଚାଷରେ ଉନ୍ନତି ଘଟିଛି ସତ, ମାତ୍ର ଚାଷୀ କିନ୍ତୁ ରସାତଳକୁ ଗତି କରୁଛି। ଟ୍ରାକ୍ଟରର ବ୍ୟବହାର ଯୋଗୁ ଚାଷୀ ତାର ବଳଦ ଓ ଲଙ୍ଗଳ ସାହାଯ୍ୟରେ ଜମିକୁ ଚାଷ କରି ଦି'ପଇସା ରୋଜଗାର କରି ନିଜର ପରିବାର ଭରଣ ପୋଷଣ କରୁଥିଲା ସେ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଆଉ ହଳ ଲଙ୍ଗଳ କ୍ଷେତରେ ଦେଖିବାକୁ ମିଳୁନାହିଁ, ବଳଦ ଏବେ ଅଦରକାରୀ ହୋଇଯାଇଛି ଏବଂ ଲଙ୍ଗଳ ଘରେ ରହି ରହି କିଛିଦିନ ପରେ ନଷ୍ଟ ହୋଇଯାଉଛି। ସେହିପରି ଧାନ ରୁଆ ସମୟରେ ଚାଷୀ ତାର ସ୍ତ୍ରୀ ଓ ପିଲାଙ୍କୁ ଧରି ଧାନ ରୋଇ କିଛି ରୋଜଗାର କରି ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ବେଳେ ଏବେ ସେ ସ୍ଥାନ ପୂରଣ କରିଛି ଧାନରୁଆ ମେସିନ୍, ଯାହା ଫଳରେ କିଛି ଶିଳ୍ପ ପ୍ରତିଷ୍ଠାନ ଓ ଟ୍ରାକ୍ଟର ମାଲିକମାନେ ମାଲେମାଲ ହେଉଛନ୍ତି। ସେହିପରି ପ୍ରଶାସନିକ ଅଧିକାରୀ, ଜମି ମାଫିଆ ଓ ଦଲାଲମାନଙ୍କ ମିଳିତ ଚକ୍ରାନ୍ତରେ ଚାଷ ଜମିର କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିଣତ କରାଯାଉଛି। ଫଳରେ ଏହି ଜମି ଦଲାଲ ଓ ମାଫିଆ ମାନେ ଚାଷୀଙ୍କୁ ଧମକ ଚମକ ଦେଇ ସେମାନଙ୍କ ଜମିକୁ ଶାଗମାଛ ଦରରେ କିଣି ତାକୁ ପ୍ଲଟିଂ କରି, ଘରବାରି ଦର୍ଶାଇ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ଓ ଆଉ କିଛି ଜମି ଚଢା ଦର କାରଣରୁ ପଡ଼ିଆ ହୋଇ ପଡ଼ିରହୁଛି। ଫଳରେ ଚାଷୀ ଅନେକ କ୍ଷତି ସହୁଥିବା ବେଳେ ଚାଷରେ ବାଧା ସୃଷ୍ଟି ହେଉଛି ଓ 'ଜୟ ଯବାନ ଜୟ କିଷାନ' ଆଜି 'ଜୟ ଯବାନ ଜୟ ପ୍ରଶାସନ'ରେ ପରିଣତ ହୋଇଛି।

କୃଷକମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପଞ୍ଚାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ। ବିପ୍ଳବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ଏହି କୃଷକ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ କୃଷକମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଈ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ। ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ଓ କୃତି କୃଷକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥାଏ।

ଦେଶରେ ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅଶୀ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। କୃଷି ଦେଶର ପଚାଶଭାଗ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଅନେକ ଧାନଚାଷୀ, ମୁଗ ଚାଷୀ, ଆଖୁଚାଷୀଙ୍କ ଭଳି ଆହୁରି ଅନେକ ଚାଷୀ ଏବେ ବି ସରକାରୀ ସାହାଯ୍ୟ ସୁବିଧାକୁ ଚାହିଁ ବସିଛନ୍ତି। ଆଧୁନିକ ଜ୍ଞାନକୌଶଳ, ଉନ୍ନତମାନ ବିହନର ଅଭାବ ସହିତ ଜଳସେଚନର ସୁବିଧା, ବିଶେଷକରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନରେ ବିଫଳତା, ବ୍ୟାଙ୍କମାନଙ୍କ ତରଫରୁ ଋଣ ପ୍ରଦାନରେ ଅବହେଳା, ଗାଁ ସାହୁକାରର କୃଷକମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ସ୍ଥାନ ଚିହ୍ନଟ ନ କରିବା, ଭାଗଚାଷୀମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଜାଣିଶୁଣି ଅବହେଳା କରିବା, ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନକରିବା କାରଣରୁ ଚାଷୀ ଆଜି ଦେଶର ଅନ୍ନଦାତା ହୋଇଥିଲେ ମଧ ତାର ଅଭାବ ଦେଖାଦେଇଛି। ଏଥିପାଇଁ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରିବା, ପ୍ରତିରାଜ୍ୟ ଓ ଜିଲ୍ଲାରେ କୃଷି ଗବେଷଣା କେନ୍ଦ୍ର ଖୋଲାଯାଇ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ସେମାନଙ୍କୁ ତାଲିମ୍ ଦେବା, ବୃଷ୍ଟି ଜଳକୁ ସଂରକ୍ଷିତ ରଖି ତାକୁ ଚାଷ ସମୟରେ ଠିକ ଭାବେ ବିନିଯୋଗ କରିବା, ବହୁ ପାରିମାଣରେ ଶୀତଳ ଭଣ୍ଡାର ନିର୍ମାଣ କରି ଉତ୍ପାଦିତ ଦ୍ରବ୍ୟସବୁକୁ ସୁରକ୍ଷିତ ରଖିବା ସହିତ ଗରିବ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ଏକ କୃଷକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ଦୈବୀ ଦୁର୍ବିପାକ ଓ ଅତ୍ୟାବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରିବା, ଚାଷ କ୍ଷେତ୍ରରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅକ୍ଷୟ ତୃତୀୟାକୁ ସରକାରୀ ଭାବେ ଛୁଟି ଘୋଷଣା କରିବା, ଓଡ଼ିଶାର ପ୍ରତ୍ୟେକ ବ୍ଳକ ମୁଖ୍ୟାଳୟରେ କୃଷକ ମନ୍ଦିର ପ୍ରତିଷ୍ଠା କରିବା, ବିଧାନସଭାରେ ମୃତ କୃଷକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରିବା, ସରକାରୀ ପଦାଧିକାରୀଙ୍କ ଭଳି କୁଶଳୀ ତଥା ଅଭିଜ୍ଞ ଚାଷୀମାନଙ୍କୁ ପୁରସ୍କୃତ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଭଳି କୃଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଏ, ତେବେ ଯାଇ ଚାଷୀର ସବୁ ସମସ୍ୟା ଦୂର ହୋଇପାରନ୍ତା ଓ ଚାଷୀମାନଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ନ୍ତା ନାହିଁ।


କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର


## କବିତା କୋଣାର୍କ

### ଅକ୍ଷୟ ତୃତୀୟା

**ଗୋଲୋକବିହାରୀ ବେହେରା**



ବର୍ଷର ପ୍ରଥମ ମାସ ବଇଶାଖ
ଅକ୍ଷୟ ତୃତୀୟା ଶ୍ରେଷ୍ଠ ପରବ,
କୃଷି ପ୍ରଧାନ ଯେ ଆମରି ଓଡିଶା
ଧାନ ବୁଣା କାମ ହୁଏ ଆରମ୍ଭ ।

ପବିତ୍ର ଦିବସେ ଜଗନ୍ନାଥଙ୍କର
ତିନି ରଥ କାମ ଆରମ୍ଭ ହୁଏ,
ଶ୍ରୀକ୍ଷେତ୍ର ଧାମରେ ଚନ୍ଦନ ଯାତରା
ଆଜିଠାରୁ ଆରମ୍ଭ କରାଯାଏ।
ଏହି ଦିନ ଗଙ୍ଗା ସରଗ ପୁରରୁ

ମରତକୁ କଲେ ଅବତରଣ,
ସତ୍ୟ ନାରାୟନ ରୂପେ ଭଗବାନ
ପବିତ୍ର ଦିବସେ ହେଲେ ଜନମ।

ଗୀତଗୋବିନ୍ଦର କବି ଜୟଦେବ
ଏହି ଦିନ କେନ୍ଦୁବିନ୍ଦୁରେ ଜନ୍ମ
କେନ୍ଦୁଲି ଗ୍ରାମରୁ ସଂକୀର୍ତ୍ତନ ଦଳ
ଶ୍ରୀକ୍ଷେତ୍ରକୁ କରନ୍ତି ଆଗମନ।

କୃଷକ ପୂଜଇ ଶ୍ରୀବଳରାମଙ୍କୁ
ତତପରେ ପୂଜେ ଇନ୍ଦ୍ର ଦେବତା,
ପ୍ରଭୁ ପ୍ରଜାପତି କଶ୍ୟପ ସୁମରି
ନମେ ମହାଲକ୍ଷ୍ମୀ ଭୂଦେବୀ ସୀତା ।

ଲଙ୍ଗଳ ଯୁଆଳି ବଳଦଙ୍କୁ ପୂଜି
ସୁନା ପାଣିରେ ବିହନ ଧୋଇଣ,
ନୂଆ ଲୁଗା ପିନ୍ଧି କ୍ଷେତକୁ ଯାଇଣ
ପୂର୍ବ ମୁଖା ହୋଇ ବୁଣଇ ଧାନ ।


+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬


### ପ୍ରେମିକ ବନ୍ଧୁ

**ରଶ୍ମିତା ମହାପାତ୍ର**

ନା' କଦମ୍ବ ମୂଳେ,
ନା' ଯମୁନାର କୂଳେ
ତୁମ ସହ ଦେଖା ହୁଏ କେଉଁ ଏକ
ନିର୍ଜନ ଦ୍ୱୀପରେ।
ତୁମେ ଆସ ପ୍ରେମ କର ଦେହ ମନ
ସାରା ଦେଶ ସବୁଜବନରେ ।
ତୁମ ବାହୁ ବନ୍ଧନରେ ମୁଁ ପାଏ
ନିଜକୁ ଖୋଜି
ଇଚ୍ଛା ହୁଏ କରିବାକୁ ଦାବି
ଆପଣାର ପ୍ରେମିକା ପଣକୁ
ପାଏନା ତୁମକୁ ତୁମେ ଯାଅ
କେଉଁଠାରେ ହଜି
ରାଣ ଦେଇ ରାଧାରାଣୀଙ୍କର
ମୁଁ ତୁମକୁ ଖୋଜି ବୁଲେ,
କେବେ ରାଧା,କେବେ ମୀରା,
କେବେ ପୁଣି ସଖିଟିଏ ସାଜି ।
ପୁଣି ଦିନେ ତୁମକୁ ମୁଁ ଦେଖେ
ଆଉ କାହା ବାହୁ ବନ୍ଧନରେ
କେତେ ହସ, କେତେ ରାସ,
ଚୁମ୍ବନ ଓ ଆଲିଙ୍ଗନ,
ନୂଆ ପ୍ରେମିକାର କୋମଳ କୂଳରେ ।
ହଜି ଯାଅ ତୁମେ ଆଉଥରେ କେଉଁ
ଏକ କାମନା ରଙ୍ଗରେ ?
ତୁମ ସହ ଭେଟ ହୁଏ ପୁଣି
ନୂଆ ସଜବାଜ
କେଉଁ ଏକ ଗାଁ ଦାଣ୍ଡ
ବେଦି ମଣ୍ଡପରେ ।



ତୁମରରେ ବର ବେଶ,
ବିବାହ ବିଶ୍ୱାସ,
ତୁମେ ପୁଣି ସୃଷ୍ଟି କର ଇତିହାସ
ପୃଷ୍ଠାଧାରେ
ନଜିର୍ ଏକ ନୂତନ ପ୍ରେମର ।
ତୁମକୁ ମୁଁ ଭେଟେ ପୁଣି
ପଥିକଟେ ତୁମେ ଏଇ ସଂସାର ପଥରେ
ଦେହେ ମନେ ବୋଳା ଖାଲି ତେଲ
ଲୁଣ ସଂସାରର ବୋଝ ।
ମୁଁ ଦିଏ ନିଜକୁ ଫାଶୀ
ତୁମ ସ୍ମୃତି ପୁସ୍ତକର ମଲାଟ ଅନ୍ଧାରେ
ଖୋଜି ଖୋଜି ନିଜକୁ ପାଏ
ପରମୁହୂର୍ତ୍ତରେ
କେଉଁ ଏକ ଅଜଣା ରାଜ୍ୟରେ ?
ସେହି ନିର୍ଜନ ଦ୍ୱୀପରେ ଥାଏ
ଖାଲି ମରୁବାଲି
ନିସ୍ତରଙ୍ଗ ଜଳରାଶି କୂଳେ
ସୁପ୍ତି ତାରକିତ ଅଟୋପ ମଧ୍ୟରେ
ଜୀବନର ଜଳଛବି ଯହିଁ
ଉଙ୍କି ମରୁଥାଏ ।


+ଅଧାପିକା, ଓଡ଼ିଆ ଭାଷା ଓ
ସାହିତ୍ୟ ବିଭାଗ, ନୀଳମଣି
ମହାବିଦ୍ୟାଳୟ ରୁପ୍ସା, ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ବୁଧବାର, ୩୦ ଏପ୍ରିଲ ୨୦୨୫

# ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ

ଶ୍ରୀମତୀ ରୀତା ସ୍ୱାଇଁ

ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ ବେଶ୍ ଉଲ୍ଲେଖଯୋଗ୍ୟ। ରସୋମୟ ତିଥି, ଅମୃତମୟ ଯାତ୍ରା, ଓଡ଼ିଆ ମାଟିର ବାର ମାସର ତେରଯାତ୍ରା ମଧ୍ୟରେ ପ୍ରସିଦ୍ଧ ଯାତ୍ରା, ଅନୁକୂଳ ଯାତ୍ରା, ଅନୁକୂଳ ତିଥି ଅକ୍ଷୟ ତୃତୀୟା। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପାଳନ କରାଯାଏ। ଜଗନ୍ନାଥ ମହାପ୍ରଭୁ ଓଡ଼ିଆ ଜାତିର ସର୍ବସ୍ୱ। ଜଗନ୍ନାଥଙ୍କ ବିନା ଓଡ଼ିଆର ପରିଚୟ ନାହିଁ। ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରା ଭିତରେ ପ୍ରସିଦ୍ଧ ଯାତ୍ରା ଅକ୍ଷୟ ତୃତୀୟା। ଜଗନ୍ନାଥ ମହାପ୍ରଭୁ ମନ୍ଦିର ପ୍ରତିଷ୍ଠା ପରେ ବିରାଜିତ ହେଲେ ରତ୍ନ ସିଂହାସନରେ। ବିକଚ ପଦ୍ମନେତ୍ର ଦର୍ଶନକଲେ ସମସ୍ତେ। ଦୁଃଖୀର ଦୁଃଖ ଦୂର ହେଲା। ଅନ୍ଧକାର ଦୂରୀଭୂତ ହେଲା। ମୃତ୍ୟୁର ଅମୃତପଥ ପାଇଲେ ଲୋକମାନେ। ସାରା ସଂସାରର ସାରଭୂତ ନାଥ ଜଗନ୍ନାଥଙ୍କୁ ଦର୍ଶନ କଲେ। ରାଜା ଇନ୍ଦ୍ରଦ୍ୟୁମ୍ନ, ବ୍ରହ୍ମା, ବିଦ୍ୟାପତି, ବିଶ୍ୱାବସୁ ଏବଂ ଗୁଣ୍ଡିଚା ପଚାରିଲେ ତେବେ ଯାତ୍ରା କ'ଣ ପ୍ରଭୁ? ପ୍ରଭୁ କହିଲେ ମୋର ଯାତ୍ରାମାନଙ୍କ ଭିତରେ ଦ୍ୱାଦଶ ଯାତ୍ରା। ମାସ ବାର, ତିଥି ବାର, ସମୟ ବାର, ଯାତ୍ରା ମଧ୍ୟ ବାର। ୧. ସ୍ନାନଯାତ୍ରା, ୨.ରଥଯାତ୍ରା, ୩. ଶୟନପୂର୍ଣ୍ଣିମା, ୪.ଉତ୍ତରାୟଣ, ୫.ଦକ୍ଷିଣାୟନ, ୬.ପାର୍ଶ୍ୱ ପରିବର୍ତ୍ତନ, ୭.ଉତ୍ଥାପନ, ୮.ପ୍ରାବରଣ ଷଷ୍ଠୀ, ୯. ପୁଷ୍ୟାଭିଷେକ, ୧୦.ଦୋଳଯାତ୍ରା, ୧୧. ଦମନକ ଯାତ୍ରା, ୧୨. ଚନ୍ଦନଯାତ୍ରା ବା ଅକ୍ଷୟ ତୃତୀୟା।

ଚନ୍ଦନଯାତ୍ରା: ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବ୍ୟବସ୍ଥା ମଧ୍ୟରେ ଅନ୍ତିମ ତଥା ଶେଷ ଯାତ୍ରା ହେଉଛି ଚନ୍ଦନଯାତ୍ରା। ଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୪୨ଦିନ ତଥା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ବା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଶେଷ ହୋଇଥାଏ। ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ଧରି ଉପରବେଳା ଶ୍ରୀଜୀଉମାନେ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି । ପରବର୍ତ୍ତୀ ୨୧ଦିନ ଏହା ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀଦେବୀ ବା ଲକ୍ଷ୍ମୀ ଏବଂ ଭୂଦେବୀ ବା ବିଶ୍ୱଧାତ୍ରୀ ବା ସରସ୍ୱତୀଙ୍କ ସହିତ ପଞ୍ଚପାଣ୍ଡବ ବା ପଞ୍ଚମହାଦେବଙ୍କ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନାମକ ଦୁଇଟି ଚାପରେ ଚାପ ଖେଳର ଶୁଭ ଅନୁକୂଳ ହୋଇଥାଏ ଏହି ପବିତ୍ର ଅକ୍ଷୟ ତୃତୀୟା ଲଗ୍ନରେ। ପ୍ରଥମ ୨୧ଦିବସର ଶେଷ ଦିନ ଅର୍ଥାତ୍ ଭଉଁରୀଯାତ୍ରା ଦିନ ରଥ ଅଖରେ ଚକ ଲାଗେ। ଓଡ଼ିଶାର ପୁରପଲ୍ଲୀରେ ସବୁ ଦେବାଦେବୀଙ୍କର ଚନ୍ଦନଯାତ୍ରା ଏହି ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୨୧ଦିନ ପର୍ଯ୍ୟନ୍ତ ପାଳନ କରାଯାଏ। ସାଧାରଣ ମଣିଷ ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇଁ ଯେପରି ଏ.ସି., କୁଲର, ଫ୍ୟାନ୍ ଆଦିର ବ୍ୟବସ୍ଥା କରିଥାନ୍ତି ସେହିପରି ପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ପ୍ରଲେପ ଦିଆଯାଏ। ପୌରାଣିକମତେ ସତ୍ୟଯୁଗରେ ନୃସିଂହଦେବ ଏହି ଯାତ୍ରାର ଆୟୋଜନ କରିଥିଲେ।

ରଥ ନିର୍ମାଣ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚାଯାତ୍ରା ନିମନ୍ତେ ବସନ୍ତ ପଞ୍ଚମୀରେ ଯେଉଁ ରଥ କାଠ ଅନୁକୂଳ ହୋଇଥାଏ, ଶ୍ରୀରାମନବମୀରେ ଯେଉଁ ରଥକାଠ ଚିରାଯାଇଥାଏ, ପବିତ୍ର ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ। ସେହିଦିନ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କର ଶ୍ରୀଅଙ୍ଗରୁ ଆଜ୍ଞାମାଳ ସହିତ ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରୁ ମଧ୍ୟ ଆଜ୍ଞାମାଳ ଆସେ। ଘଣ୍ଟ, ଘଣ୍ଟା, କାହାଳୀ ଶୋଭାଯାତ୍ରା ସହିତ ତିନି ପୂଜାପଣ୍ଡା ମହାପ୍ରଭୁଙ୍କର



ସେହି ଆଜ୍ଞାମାଳ ନେଇ ଶ୍ରୀମନ୍ଦିର ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ସହିତ ରଥଖଳାକୁ ଯାଆନ୍ତି ଏବଂ ସେଠାରେ ସ୍ତୋତ୍ର ପାଠ ସହିତ ମହାପ୍ରଭୁଙ୍କୁ ଆରାଧନା କରନ୍ତି। ସେତେବେଳେ ମଧ୍ୟ ଚନ୍ଦନ ଠାକୁରମାନେ ଉପସ୍ଥିତ ରହିଥାନ୍ତି, ଯିଏ ପୂଜାପଣ୍ଡାଙ୍କ ଆଜ୍ଞାମାଳ ସହିତ ପଟୁଆରରେ ଯାଇଥାନ୍ତି। ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚୁପାଣ୍ଡବ ବା ପଞ୍ଚମହାଦେବ ମଧ୍ୟ ସେହି ସମୟରେ ରଥଖଳାରେ ଉପସ୍ଥିତ ରହିଥାନ୍ତି। ରୂପକାର, ଚିତ୍ରକର, କମାର, ଅମୀନ ଓ ସେବକ ପ୍ରମୁଖଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ିବନ୍ଧା ନୀତି ପାଳିତ ହୁଏ। ମହାକାଳୀ ମନ୍ତ୍ରରେ ପୂଜିତ ତନ୍ତ୍ରବିଧିରେ ତିନୋଟି ଧଉରା ଗଛର ଗଣ୍ଡିରେ କୁରାଢ଼ିକୁ ସ୍ୱର୍ଶ କରାଯାଇ ବିଧିବଦ୍ଧଭାବେ ରଥନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୁଏ। ଏହି ରଥ ନିର୍ମାଣରେ ୧୧୩୯ଖଣ୍ଡ କାଠ ଲାଗିଥାଏ। ସେହି କାଠଗୁଡ଼ିକ ହେଲା ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି।

ଅଖିମୁଠି : ଆମ ଓଡ଼ିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ। କୃଷି ହେଉଛି କୃଷକର ପରିଚୟ। ତେଣୁ ସରକାରୀ ସ୍ତରରେ ଅକ୍ଷୟ ତୃତୀୟା ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଏ। ଏହି ଦିନଟି ସକାଳ ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ତା' ପରଦିନ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହୋଇଥାଏ। ଏହିଦିନ ବିବାହ, ବ୍ରତ, ଗୃହପ୍ରବେଶ ଓ ଗୃହନିର୍ମାଣ ଆଦି କାର୍ଯ୍ୟ କରାଯାଏ। ଧନସମ୍ପତ୍ତି, ସୁଖ-ସମୃଦ୍ଧି ଅକ୍ଷୟ ରହିବା ପାଇଁ ଘରେ ଘରେ ଏହିଦିନ ପୂଜାର୍ଚ୍ଚନା କରାଯାଏ। ସ୍ନାନ, ଦାନ, ଜପ, ତପ, ଶ୍ରାଦ୍ଧ, ଅନ୍ନ, ଜଳ, ଜୋତା, ଚପଲ, ଛତା ଆଦି ଉକ୍ତଦିନ ଦାନ କଲେ ବହୁତ ପୁଣ୍ୟଫଳ ମିଳିଥାଏ। ଓଡ଼ିଶାରେ ଏହି ପବିତ୍ର ଦିନଠାରୁ ଆରମ୍ଭ ହୁଏ ଖରିଫ୍ ଫସଲ । ଏହିଦିନ ମାଟି ମାଆଙ୍କୁ ପୂଜାକରି କୃଷକମାନେ କ୍ଷେତରେ ଅଖିମୁଠି ଅନୁକୂଳ କରିଥାନ୍ତି। କୃଷକମାନେ ହଳଦୀ, ଚନ୍ଦନ ଓ ସିନ୍ଦୂରବୋଳା ଧାନ ବିହନର ଗଉଣୀ ସହିତ ପିଠା ଓ ବିଭିନ୍ନ ଭୋଗସାମଗ୍ରୀ ଧରି କ୍ଷେତକୁ ଯାଆନ୍ତି। ମାଆ ବିଶ୍ୱଧାତ୍ରୀ ପୃଥିବୀ ଏବଂ ମାଆ ମହାଲକ୍ଷ୍ମୀ ବା ଅନ୍ନପୂର୍ଣ୍ଣା ତଥା ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ଜମିର ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ କୋଣରେ ଭୋଗଗୁଡ଼ିକୁ ସମର୍ପଣ କରିସାରିବା ପରେ ଏକ ଗାତ ଖୋଳି ପୋତିଦିଅନ୍ତି ଏବଂ ଏହି ଅକ୍ଷୟ ତୃତୀୟାର ଅମୃତବେଳାରେ ପ୍ରଥମେ ସେ ତାଙ୍କର କ୍ଷେତରେ ହଳ ବୁଲାଇଥାନ୍ତି। ମୁଠା ମୁଠା ସେହି ଧାନ ବିହନ ଯାହାକୁ ଅଖିମୁଠି ବା ଅକ୍ଷୟମୁଠି ବୋଲି କହନ୍ତି ସେହି ଅଖି ମୁଠିଭରା ଧାନ ବିହନକୁ ଗଉଣୀରୁ କାଢ଼ି ବିଲର ପ୍ରତ୍ୟେକଟି ଜାଗାରେ ପକାଇଥାନ୍ତି। ତାହାକୁ ଅଖିମୁଠି ବା ଅକ୍ଷୟମୁଠି ଅନୁକୂଳ ବୋଲି କୁହାଯାଏ। ବିଶ୍ୱାସ ରହିଛି, ଏହିଦିନ ଯିଏ ଅଖିମୁଠି ଅନୁକୂଳ କରି ଧାନକ୍ଷେତରେ ଚାଷ କରିଥାନ୍ତି ବର୍ଷସାରା ତାଙ୍କର ଧନସମ୍ପଦର ଅଭାବ ରହେନାହିଁ ଏବଂ ଧାନ ପ୍ରଚୁର ପରିମାଣରେ ଫଳିଥାଏ। ପୁରାଣର ଏକ ଉପାଖ୍ୟାନରୁ ଜଣାଯାଏ, ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ଭୂମିପୂଜା କରି ନିଜେ ବୀଜ ବପନ କରୁଥିଲେ। ଭୂମି କର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍‌ବେଦରେ ସୀତା ଉତ୍କୃଷ୍ଟ ବିଦ୍ୟାଦାତ୍ରୀ ରୂପେ ବର୍ଣ୍ଣିତ ହେବା ସଙ୍ଗେସଙ୍ଗେ ସେହି ମାତା ସୀତାଙ୍କୁ ପ୍ରଥମେ ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ଦେବା ନିମିତ୍ତ ପ୍ରାର୍ଥନା କରିଥିଲେ।

ଐତିହାସିକ ଘଟଣା : ଅକ୍ଷୟ ତୃତୀୟା ଦିନ ସବୁ ଶୁଭକାର୍ଯ୍ୟ ଅନୁକୂଳ କରାଯାଏ। ସୁଖ, ଶାନ୍ତି, ସମୃଦ୍ଧି ପାଇଁ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଏ। ଏହିଦିନ ପୁରାଣଶାସ୍ତ୍ର ଗ୍ରନ୍ଥ ଅନୁସାରେ ଅନେକଗୁଡ଼ିଏ ଶୁଭକର୍ମ ଅନୁଷ୍ଠିତ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ମର୍ତ୍ତ୍ୟମଣ୍ଡଳରେ ଯବ ଶସ୍ୟ ଉତ୍ପାଦନ କରିଥିଲେ ପ୍ରାଣୀ ଓ ଜୀବଜନ୍ତୁମାନଙ୍କର ପରିପାଳନ ନିମିତ୍ତ। ତେଣୁ ଏକ ବିଧି ରହିଛି, ଯିଏ ଅକ୍ଷୟ ତୃତୀୟା ଦିନ ଯବ ଶସ୍ୟରେ ପୁରୁଷୋତ୍ତମ ଶ୍ରୀ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା ସହିତ ବିଭିନ୍ନପ୍ରକାର ପ୍ରାର୍ଥନା କରି ତାଙ୍କୁ ସନ୍ତୁଷ୍ଟ କରିଥାଏ ସେ ଅକ୍ଷୟଫଳ ଲାଭକରେ। ଏହିଦିନ ମଧ୍ୟ ପତିତପାବନୀ ଗଙ୍ଗା ଯିଏ ଭାଗିରଥୀ ନାମରେ ନାମିତ, ସିଏ ପୁରୁଷୋତ୍ତମ ଭଗବାନଙ୍କର ନଖକୋଣରୁ ଆସି ଶିବଙ୍କର ଜଟାଦେଇ ପ୍ରଥମେ ଭଗୀରଥଙ୍କ ତପସ୍ୟା ବଳରେ ଆସିଥିଲେ ଶଗରରାଜାର ବଂଶକୁ ଉଦ୍ଧାର କରିବା ପାଇଁ, ଏହି ମର୍ତ୍ତ୍ୟପୃଷ୍ଠରେ ପତିତପାବନୀ ଗଙ୍ଗାଙ୍କର ଆବିର୍ଭାବ ହୋଇଥିଲା। ଆହୁରି ମଧ୍ୟ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଏହିଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ, ଯେଉଁ ଅକ୍ଷୟ ପାତ୍ର ଦ୍ୱାରା ସେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଗୋଟିଏ କ୍ଷୁଦ୍ର ଅନ୍ନକଣିକା ରହିଯାଇଥିଲା ସେହି ଅନ୍ନକଣିକାକୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ସେ ସମର୍ପଣ କରିଛନ୍ତି ସେତେବେଳେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମଣ୍ଡଳୀଙ୍କର କ୍ଷୁଧା ମେଣ୍ଟିଯାଇଥିଲା। ଏହା ହେଉଛି ସେହି ଅକ୍ଷୟ ପାତ୍ରର ରହସ୍ୟ ଏବଂ ମାହାତ୍ମ୍ୟ। ଆହୁରି ମଧ୍ୟ କୁହାଯାଏ, ଏହିଦିନ ସୁଦାମା ନିଜର ବାଲ୍ୟବନ୍ଧୁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରେ ଭେଟିଥିଲେ ଏବଂ ଅମାପ ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ। ଉକ୍ତଦିନ ପରଂବ୍ରହ୍ମଙ୍କର ଷଷ୍ଠ ଅବତାର ପର୍ଶୁରାମଙ୍କର ମର୍ତ୍ତ୍ୟମଣ୍ଡଳରେ ଆବିର୍ଭାବ ହୋଇଥିଲା। ଭଗବାନ ପର୍ଶୁରାମ ମହର୍ଷି ଯମଦଗ୍ନି ଓ ମାତା ରେଣୁକାଦେବୀଙ୍କ ପୁତ୍ର ଥିଲେ। ଭଗବାନ ପର୍ଶୁରାମ ଅକ୍ଷୟ ଓ ଅମର ଅଟନ୍ତି। ଏହି କାରଣରୁ ଅକ୍ଷୟ ତୃତୀୟା ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରିବା ସହିତ ଭଗବାନ ପର୍ଶୁରାମଙ୍କ ପୂଜା କରିବାର ମଧ୍ୟ ବିଧାନ ରହିଛି। ଏହିଦିନ ସତ୍ୟ ଯୁଗ ଓ ତ୍ରେତୟା ଯୁଗର ପ୍ରାରମ୍ଭ ହୋଇଥିଲା। ମହର୍ଷି ବେଦବ୍ୟାସ ମହାଭାରତ ଗ୍ରନ୍ଥର ରଚନା ମଧ୍ୟ ଉକ୍ତଦିନ ପ୍ରାରମ୍ଭ କରିଥିଲେ। ମହାକବି ଜୟଦେବ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତଗୋବିନ୍ଦ ରଚନା ଏହିଦିନ ଆରମ୍ଭ କରିଥିଲେ। ସେହି ସ୍ମୃତିକୁ ନେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗୀତଗୋବିନ୍ଦ ଖଣ୍ଡୁଆ ଧାରଣ କରିଥାନ୍ତି। ଭକ୍ତକବି ଜୟଦେବଙ୍କ ଜନ୍ମତିଥି ମଧ୍ୟ ଅକ୍ଷୟ ତୃତୀୟା। ଧନସମ୍ପଦର ଦେବତା ଭଗବାନ କୁବେର ଏହିଦିନ ସମସ୍ତ ଧନସମ୍ପଦ, ଗୋପଲକ୍ଷ୍ମୀ ପ୍ରାପ୍ତ ହୋଇଥିଲେ। ଉକ୍ତଦିନ ମଧ୍ୟ ବଦ୍ରିନାଥ ଧାମ ଏବଂ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିର ବର୍ଷକରେ ଥରଟିଏ ଖୋଲାଯିବାର ବିଧି ରହିଛି ଏବଂ ଅକ୍ଷୟତୃତୀୟ ପରଠାରୁ ୬ମାସ ପର୍ଯ୍ୟନ୍ତ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିର ଖୋଲାଯାଏ। ଏହିଦିନ ଗୃହିଣୀମାନେ ଷଠୀ ବା ଷଷ୍ଠୀଦେବୀଙ୍କର ପୂଜାର୍ଚ୍ଚନା ମଧ୍ୟ କରିଥାନ୍ତି। ଏହି ଦିବସକୁ ବ୍ରତ ରୂପେ ପାଳନ କରାଯାଏ। ବ୍ରତଧାରୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ୮ବର୍ଷରେ ଉଦ୍ୟାପନ କରନ୍ତି। ଏହା ମୃତ ପ୍ରିୟଜନଙ୍କ ପାଇଁ ସ୍ମରଣର ଦିନ ମଧ୍ୟ। ଏହି ଦିନରେ ପ୍ରାୟତଃ ଦିବଙ୍ଗତ ଆତ୍ମାଙ୍କୁ ସମ୍ମାନ ଜଣାଇବା ପାଇଁ ପୂଜା କରାଯାଏ। ଏକ କିମ୍ବଦନ୍ତୀ ଅନୁସାରେ, ଋଷି ବ୍ୟାସ ଅକ୍ଷୟ ତୃତୀୟା ଦିନ ଭଗବାନ ଗଣେଶଙ୍କ ସାହାଯ୍ୟରେ ହିନ୍ଦୁ ମହାକାବ୍ୟ ମହାଭାରତ ରଚନା ଆରମ୍ଭ କରିଥିଲେ। ଏହିଭଳି ଭାବେ ଅନେକ କିମ୍ବଦନ୍ତୀ ସହିତ ଜଡ଼ିତ ହୋଇ ଅକ୍ଷୟ ତୃତୀୟା ଦିନଟିର ମାହାତ୍ମ୍ୟ ଅନେକ ବଢ଼ିଯାଇଛି।

ଅକ୍ଷୟ ତୃତୀୟାର ଅମୃତବେଳାରେ ସେଇ ପରଂବ୍ରହ୍ମଙ୍କ ଶରଣାପନ୍ନ ହୋଇ ଜୀବନର ସମସ୍ତ କର୍ତ୍ତବ୍ୟ କରିଯିବା ହିଁ ବିଧେୟ। ତେଣୁ ସେହି ଅନନ୍ତକୋଟି ବ୍ରହ୍ମାଣ୍ଡନାୟକ, ଯିଏ ସର୍ବ ଓଡ଼ିଆଙ୍କର ଆରାଧ, ଯାହାଙ୍କଠାରୁ ଓଡ଼ିଶାର ସମସ୍ତ ପର୍ବପର୍ବାଣି, ଉତ୍ସବ, ଶୁଭାଶୁଭ, ଅମୃତବେଳା ଆରମ୍ଭ, ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଅକ୍ଷୟ ତୃତୀୟାର ଅମୃତବେଳାରେ ଅନନ୍ତକୋଟି ଦଣ୍ଡପ୍ରଣିପାତ।

+ଖଜରା, କସର୍ଦ୍ଦା, କଟକ

# ଅକ୍ଷୟ ତୃତୀୟା

ବାଦଲ ଭୂୟାଁ



ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଓଡ଼ିଆଙ୍କର ଏକ ପ୍ରସିଦ୍ଧ ପର୍ବ। ମାହେନ୍ଦ୍ର ବନ ଯୋଗବିଧି ଅନୁଯାୟୀ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥ ତିଆରି କାର୍ଯ୍ୟ ଆରମ୍ଭ ହୁଏ। ଏହା ମଧ୍ୟ ଚନ୍ଦନ ଯାତ୍ରାର ପ୍ରଥମ ଦିନ। କୃଷକମାନେ ଏହି ତିଥିରେ ଧାନବୁଣା ଆରମ୍ଭ କରନ୍ତି। ହାତ ମୁଠାରେ ଧରି ବୁଣାଯିବା ବିହନ ଧାନକୁ ଅଖିମୁଠି କୁହାଯାଏ। ଏକ କିମ୍ବଦନ୍ତୀ ଅନୁଯାୟୀ ଜନକ ଏହି ତିଥିରେ ଭୂମି ଓ ଶସ୍ୟ ପୂଜା କରି ଧାନ ବୁଣିଥିଲେ। ଭୂମି-କର୍ଷଣ ବେଳେ ସୀତାଙ୍କୁ ପାଇଥିଲେ। ଏଣୁ ସୀତାଙ୍କୁ ବୀଜଦାତ୍ରୀ କୁହାଯାଏ। ଜୀବ ଜଗତ୍ ନିମନ୍ତେ ଅକ୍ଷୟ ଶସ୍ୟ ପ୍ରଦାନ କରିବା ପାଇଁ ତାଙ୍କର ଜନ୍ମ ହୋଇଥିଲା। ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ ଏକଦା ଜଣେ କୃପଣ ବ୍ରାହ୍ମଣ ଥିଲେ। ଦିନେ ତାଙ୍କ ଘରେ ପହଞ୍ଚିଲେ ଜଣେ ତୃଷାର୍ତ୍ତ ବ୍ରାହ୍ମଣ। ସେ ଜଳ ମୁନ୍ଦିଏ ମାଗି, କୃପଣ ବ୍ରାହ୍ମଣଙ୍କ ଦ୍ୱାରା ଅପମାନିତ ହେଲେ। ଠିକ୍ ସେହି ସମୟରେ କୃପଣ ବ୍ରାହ୍ମଣଙ୍କ ପତ୍ନୀ ସୁଶୀଳା ପହଞ୍ଚି ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳ ଦେଇ, ସ୍ୱାମୀଙ୍କ ବ୍ୟବହାର ପାଇଁ କ୍ଷମା ମାଗିଲେ।

କିଛି ଦିନ ପରେ କୃପଣ ମୃତ୍ୟୁବରଣ କଲେ। ଯମଦୂତମାନେ ତାଙ୍କୁ ବାନ୍ଧି ଯମପୁର ନେଇଗଲେ। ତାଙ୍କର ନରକ-ଭୋଗ ନିଶ୍ଚିତ ଥିଲା। ତେବେ କେବଳ ଯମରାଜ, ତାଙ୍କୁ ମୁକ୍ତ କରିଥିଲେ। ଅକ୍ଷୟ ତୃତୀୟାରେ ତାଙ୍କ ପତ୍ନୀ ଜଳ ଦାନ କରିଥିବାରୁ, ତାହାର ପୁଣ୍ୟ ବ୍ରାହ୍ମଣଙ୍କୁ ପ୍ରାପ୍ତ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ମଧ୍ୟ ରହିଛି। ଏହି ଦିନରେ ବସୁନ୍ଧରାର କୃଷି କର୍ମକୁ ସୁଦୃଢ଼ କରିବା ନିମନ୍ତେ ସ୍ୱର୍ଗର ଗଙ୍ଗା ମର୍ତ୍ତ୍ୟକୁ ଓହ୍ଲାଇଥିଲେ। ଅକ୍ଷୟ ତୃତୀୟାରେ ବିଷ୍ଣୁଙ୍କ ଯବଧାନ ଅର୍ପଣ କରାଯାଏ। ଅକ୍ଷୟ ତୃତୀୟାରେ ଜଳଦାନ କଲେ ଅଶେଷ ପୂଣ୍ୟ ଲାଭ ହୋଇଥାଏ । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ, ଭବିଷ୍ୟ ପୁରାଣ ଆଦିରେ ଅକ୍ଷୟ ତୃତୀୟାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ପୁଣି ଏହି ଅବସରରେ ମାଆମାନେ ପିଲାଙ୍କ ମଙ୍ଗଳ କାମନା କରି ଷଷ୍ଠୀ ଦେବୀଙ୍କ ମୃଣ୍ମୟ ପ୍ରତିମା ଗଢ଼ି ପୂଜା କରନ୍ତି। ଏହି ପର୍ବ ଅକ୍ଷୟ ଓ ଅମରତ୍ୱର ପ୍ରତୀକ ଏବଂ ସକଳ ଶୁଭାନୁଷ୍ଠାନ ପାଇଁ ପବିତ୍ରତମ ତିଥି।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼୍,
ପୁରୁଣା ସୋନାରୀ, ଜାମସେଦପୁର

# ମାଟି ମହକର ପର୍ବ ପବିତ୍ର ଅକ୍ଷୟ ତୃତୀୟା

ଅମୂଲ୍ୟ କୁମାର ପଣ୍ଡା



ବୈଶାଖ ଶୁକ୍ଳ ତୃତୀୟା ଦିନଟି ପବିତ୍ର ଅକ୍ଷୟ ତୃତୀୟା କୁହଯାଏ । ଏହି ଦିନକୁ କୃଷକ ଦିବସ ରୂପେ ମଧ୍ୟ ପାଳନ କରାଯାଏ । କୃଷକ ଭାଇ ମାନେ ଏହାକୁ ପବିତ୍ର ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । ଏହି ଦିନ ଚାଷୀ ଭାଇ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣି ଓ ତାପରେ ନାଲିଆ କପଡା ପକାଇ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ପଣା ଧୂପ ଦୀପ ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । କ୍ଷେତରେ ପହଂଚି ଐଶାନ୍ୟ କୋଣରେ ମାଆ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରି ଭୋଗଦେଇ ଉକ୍ତ ଭୋଗ ନୈବେଦ୍ୟ କୁ କ୍ଷେତର ଇଶାଣ କୋଣରେ ପୋତିଉକ୍ତ ଅନୁକୂଳ କରି ହଳ ବୁଲାଏ ଆଉ ତାପରେ ମୁଠା ମୁଠା ବିହନ କ୍ଷେତରେ ବୁଣେ ଯାହାକୁ ଅକ୍ଷିମୁଠି କହନ୍ତି, ଏହିପରି ନୀତି ନିୟମରେ ଉକ୍ତ ଦିନ ସମସ୍ତ କୃଷି ଭାଇ କୃଷିକାର୍ଯ୍ୟର ଶୁଭାରମ୍ଭ କରି ଥାଆନ୍ତି । ଯେଉଁ ଦୃଶ୍ୟ ଗ୍ରାମୀଣ ସୌନ୍ଦର୍ଯ୍ୟକୁ ଖୁବ୍ ସୁନ୍ଦର କରିଥାଏ। ଏହି ପବିତ୍ର ଦିନକୁ ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ବ୍ରତ ଉପନୟନ ପ୍ରଭୃତି ଶୁଭକର୍ମ କରିଥାନ୍ତି।

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ଲୋକମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍ ?ଯାପନ କରନ୍ତି । ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଅଛି ତାହା ହେଲା ' ପୁରାଣ ଅନୁସାରେ ପୂର୍ବେ ଜଣେ ପାପୀ ବ୍ରାହ୍ମଣ ଥିଲା ଯିଏ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହ ରୁ ତିରସ୍କାର କରି ବାହାର କରିବା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ବାରଣ କଲା ଓ ତୃଷାର୍ତ୍ତ ବ୍ରାହ୍ମଣ ଙ୍କୁ ଜଳଦାନ କଲା । କିଛି ବର୍ଷ ସେହି ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତ ମାନେ ଆସି ତାକୁ ମର୍ତ୍ତ୍ୟ ରୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା । ଯମଦୂତ ମାନେ ତାହାକୁ ତିରଷ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ତୁ ଗୋଟେ ପାପୀ ଆଉ ତୋର ସ୍ଥାନ କେବଳ ନର୍କ ଯୋଗ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ ଏହି ବ୍ରାହ୍ମଣ ସାରା ଜୀବନ ପାପ କର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ସୁଶିଳା ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ସମସ୍ତ ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ସେ ଥରେ ଭୂମିକର୍ଷଣ ସମୟରେ ମାତା ସୀତାଙ୍କୁ ଲାଭ କରିଥିବାରୁ ସୀତା ଙ୍କୁ ଉତ୍କୃଷ୍ଟ ବୀଜଦାତ୍ରୀ କୁହଯାଏ । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରି ଥାନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ପରମ ପବିତ୍ର ଶୁଭଦିନ ତଥା ସିଦ୍ଧି ଦିବସ ଭାବେ ବର୍ଣ୍ଣନା କରାଯାଉଛି।

ପବିତ୍ର ଅକ୍ଷୟ ତୃତୀୟା ଦିନ ଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ। ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାନ ପର୍ବ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ । ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ୱର୍ଶ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥ ଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକ ମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ । ଅକ୍ଷୟତୃତୀୟା ଶ୍ରୀମନ୍ଦିରର ଏକ ପ୍ରଧାନ ପର୍ବ । ଅକ୍ଷୟତୃତୀୟା ଦିନ ସକାଳ ଧୂପ ଶେଷ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହେବା ପରେ ପୂର୍ବଦିନ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇବା ଚନ୍ଦନ ପିଙ୍ଗଣ ଓ ପରିଖମାନ ଘଣ୍ଟ, ଛତା ଓ କାହାଳୀ ସହ ସଂପୃକ୍ତ ସେବକମାନେ ବଡ଼ ଦେଉଳକୁ ତିନିଘେରା ବୁଲାଇ ଭିତର ସିଂହାସନ ଉପରେ ତିନିବାଡ଼ରେ ସଜାଇ ରଖାଯାଏ । ଧୋପଖାଳ ହୋଇ ଶୀତଳ ଭୋଗ ହୁଏ। ଏ ଭୋଗରେ ଟେରା ପଡ଼େ ନାହିଁ । ଭୋଗ ପରେ ଶ୍ରୀଜୀଉ ମାନଙ୍କୁ ଅଳକା, ଚଉସରା, ୬ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୋଇ ବେଶ ବଢ଼େ । ଏହା ପରେ ପାଣି ପଡ଼ି ଧୋପଖାଳ ହେବା ପରେ ମଧ୍ୟାହ୍ନ ଧୂପ ଯାତ ଭୋଗ ସହ, ଘଣ୍ଟ, ଛତା, କାହାଳୀ ସହ ତଳିଛ ପଟୁଆରରେ ଛାମୁକୁ ଆସେ । ମୁଦିରସ୍ତଙ୍କ ପ୍ରସାଦ ଲାଗି, ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗ ହୋଇ ଭୋଗ ଶେଷ ପରେ ରାମ, କୃଷ୍ଣ ଓ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ଏହା ପରେ ମଧ୍ୟାହ୍ନ ଧୂପ ହୁଏ । ପାଣି ପଡ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଝୁଲଣ ମଣ୍ଡପ ତଳେ ରହିବା ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ବିଜେ କରାଯାଏ । ବିଜେ କାହାଳୀ ବାଜିଲା ପରେ ବିମାନ ବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ପାଲିଙ୍କି ଓ ମଣିବିମାନକୁ ନେଇ ନରେନ୍ଦ୍ର ଚକଡ଼ାକୁ ଯାତ୍ରା କରନ୍ତି । ବାଟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ର ଅନୁକୂଳ ନୀତି ସକାଶେ ଅଟକି ରହନ୍ତି। ଏହାଙ୍କ ସହିତ ପଞ୍ଚ ମହାଦେବ ଯଥା ଯମେଶ୍ୱର, ମାର୍କଣ୍ଡେୟ, ଲୋକନା, କପାଳ ମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନ ସ୍ୱ ସ୍ୱ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି । ଏହି ପଞ୍ଚମହାଦେବଙ୍କୁ 'ପଞ୍ଚପାଣ୍ଡବ' କୁହାଯାଏ । ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଦେଉଳ ପୁରୋହିତ ର ଅନୁକୂଳ ହୋମ କରନ୍ତି । ହୋମ ପରେ ମହାରଣା ମାନଙ୍କର ଶାଢ଼ିବନ୍ଧା କାର୍ଯ୍ୟ ହୁଏ । ତିନୋଟି କାଠଗଣ୍ଡିକୁ ପୂଜାପଣ୍ଡା ମାନେ ଶ୍ରୀଜୀଉଙ୍କ ତିନୋଟି ଆଜ୍ଞାମାଳ ଦିଅନ୍ତି।

ଶ୍ରୀ ମନ୍ଦିର ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ରୋହିଣୀ ପୁତ୍ର ବଳରାମଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ ଓ ଏହି ପୁଣ୍ୟ ଦିନ ଦିନ ପରଶୁରାମ ଓ ଜୟଦେବଙ୍କ ଜୟନ୍ତୀ ମଧ୍ୟ। ଏହି ପବିତ୍ର ଦିନରେ ବଦ୍ରୀନାଥ ଧାମ ଖୋଲା ଯିବାର ବିଧି ମଧ୍ୟ ରହିଛି। ଏହି ଦିନ ସ୍ୱର୍ଗରେ କୁବେର ଦେବତା ତାଙ୍କ ପଦ ଭାର ସମ୍ଭାଳି ଥିଲେ । ପୁରାଣ ବର୍ଣ୍ଣିତ ଅନୁସାରେ ସତ୍ୟ ଓ ତ୍ରେତୟା ଯୁଗର ଆରମ୍ଭ ଏହି ଦିନ ଆରମ୍ଭ ହୋଇଥିଲା ବୋଲି କିମ୍ବଦନ୍ତୀ ରହିଛି । ଏହି ପୁଣ୍ୟ ଦିବସରେ ବ୍ରହ୍ମା ଙ୍କ ପୁତ୍ର ଅକ୍ଷୟ ଜନ୍ମ ଲାଭ କରିଥିଲେ । ଏହି ଦିବସରେ ମହାଭାରତ ଯୁଦ୍ଧ ର ଅବସାନ ଘଟି ଥିଲା । ଏହି ଦିନ ଦୁଇ ବାଲ୍ୟ ବନ୍ଧୁ କୃଷ୍ଣ ଓ ସୁଦାମାଙ୍କ ର ଭେଟ ହୋଇ ଥିଲା ସର୍ବ ମୋଟରେ କହିବା କୁ ଗଲେ ଏହା ଠାରୁ ବଡ଼ ପବିତ୍ର ପୁଣ୍ୟ ଦିବସ ଓ ଶୁଭ ଅବସର ବର୍ଷକ ଭିତରେ ଆଉ କେଉଁ ସମୟ ନାହିଁ । ଏହି ଦିନରେ ଲୋକେ ନିଜ ନିଜ ଘରର ସମସ୍ତ ଶୁଭ କାର୍ଯ୍ୟ କରିଥାନ୍ତି, କାରଣ ସମସ୍ତଙ୍କର ବିଶ୍ୱାସ ଏହି ଦିନ ଯେଉଁ ଶୁଭ କାର୍ଯ୍ୟ ହୁଏ ତାହା ମଝିରେ ଅଟକେ ନାହିଁ ଓ ସମସ୍ତ ଦେବା ଦେବୀଙ୍କର ଆଶିଷ ରହିଥାଏ ।

+ଅରଙ୍ଗାବାଦ,ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ତିହିଡ଼ି ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର: ୯୨ ଅଭିଯୋଗର ଶୁଣାଣି

ଭଦ୍ରକ,୨୯/୪(ନି. ପ୍ର): ଭଦ୍ରକ ଜିଲା ତିହିଡ଼ି ପଂଚାୟତ ସମିତି ସଭାଗୃହରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲାପାଳ ଦିଲ୍ଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଡିଓ ନିରଂଜନ ବାରିକ ପ୍ରମୁଖ ଯୋଗ ଦେଇ ୯୨ଟି ଅଭିଯୋଗର ଶୁଣାଣି କରିଥିଲେ। ଭାଟପଡ଼ା ପଂଚାୟତ ଅଧୀନ ମିର୍ଜାପୁର ଖାଙ୍କି ନାଳ ଦୀର୍ଘଦିନ ହେବ ଅବରୋଧ ହେବା ସହିତ ସଂସ୍କାର ହୋଇ ପାରୁନାହିଁ। ଯାହାଫଳରେ ୬୦୦ଏକର ଜମି ଜଳସେଚିତ ହୋଇପାରୁନାହିଁ। ଏନେଇ ଅଭିଯୋଗ ଶୁଣାଣି ଶିବିରରେ ପ୍ରଭାତ କୁମାର ରାଉଳ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, କେଶବ ବେହେରା, ନିର୍ମଳ ବେହେରା, ନୃସିଂହ ପତି, ତପୁନୁ ପାଣି, ପ୍ରଫୁଲ୍ଲ ପାତ୍ର, ସରୋଜ କର, କୃଷ୍ଣ ଚନ୍ଦ୍ର ଦାଶ ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରି ନାଳକୁ ଅବରୋଧ ମୁକ୍ତ ଓ ସଂସ୍କାର କରିବାକୁ ଦାବି କରିଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ପରେ କ୍ଷେତ୍ରୀୟ ତଦନ୍ତ କରି ଭଦ୍ରକ ସାଳନ୍ଦୀ ଡିଭିଜନ ଏସଡିଓ ରାଇକେନ ବେଶ୍ରାଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ସରପଂଚ ଶୁଭ୍ରନାରାୟଣ ସେଠୀ ଉପସ୍ଥିତ ଥିଲେ। ଖପରାବାଙ୍କ ଠାରୁ ବ୍ରହ୍ମନଗର ପର୍ଯ୍ୟନ୍ତ ୨ବର୍ଷ ତଳେ ମନରେଗା ଯୋଜନାରେ ୯୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ରାସ୍ତା ନିମ୍ନ ମାନର କାର୍ଯ୍ୟ ପାଇଁ ଏବେ ବିପଦ ସଂକୁଳ ହୋଇପଡ଼ିଛି ବୋଲି ଅଭିଯୋଗ ଶୁଣାଣି ଶିବିରରେ କାନ୍ତକବି ମଣ୍ଡଳ ଭାଜପା ସଭାପତି ସରୋଜ କୁମାର ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ଭୋଇ, ଶ୍ରୀକାନ୍ତ ସାମନ୍ତରାୟ, କ୍ଷୀରୋଦ ସାମନ୍ତରାୟ, ଉମାକାନ୍ତ ବଳ, ଅମର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥି ସହିତ ବର୍ଦ୍ଧିତ ଭତା, ରାଶନ କାର୍ଡ଼, ରାସ୍ତା ନିର୍ମାଣ, ନଳକୂପ ମରାମତି, ପ୍ରଧାନମନ୍ତ୍ରୀ ଆବାସ ଇତ୍ୟାଦି ଉପରେ ଅଭିଯୋଗ ହୋଇଥିଲା। ଶିବିରରେ ଜିଲା ଯୋଗାଣ ଅଧିକାରୀ ଲିଂଗରାଜ ବେହେରା, ଜିଲା ସମାଜ ମଂଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ, ଗ୍ରାମ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନ, ଡ୍ରେନେଜ ବିଭାଗ ଏସଡିଓ ସମ୍ପିତ କୁମାର ଶିଆଳ, ବ୍ଲକ ପ୍ରାଣି ଚିକିତ୍ସାଧିକାରୀ ନିରାକାର ଜେନା, ଭାରପ୍ରାପ୍ତ ସିଡିପିଓ ସବିତା ବେହେରା, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ବିଇଓ ସୂର୍ଯ୍ୟଶିଖା ମହାନ୍ତି, ଜଳ ପରିମଳ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର ଓ ମଧୁସ୍ମିତା ବେହେରା, ଡବ୍ଲ୍ୟୁଓ ସୌମ୍ୟା ସୁଚରିତା ମହାନ୍ତି, କୃଷି ଅଧିକାରୀ ଅମର ସାହୁ, ଆର.ଡି. କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର, ଜୀବିକା ମିଶନ ବିପିଏ ରଶ୍ମିତା ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ସେକ୍ସନ ଅଫିସର ରୁନା ସୁନା, ଜିପିଇଓ ପ୍ଲାବନ ପଣ୍ଡା, ଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, ବିପିସି କୌଶିକ ଗିରି, ବିଏଲସି ସ୍ନିଗ୍ଧା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଜିଲାଳପାଳ ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ଓ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ।

# ବରସାହି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ସଭା ଗୃହରେ ମିଳିତ ଅଭିଯୋଗ ଶୁଣାଣି

ଖୋର୍ଦ୍ଧା,୨୯/୪(ନି. ପ୍ର): ଖୋର୍ଦ୍ଧା ଉପକଣ୍ଠ ବରସାହି ଗ୍ରାମ ପଂଚାୟତ ସଭାଗୃହ ଠାରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧକ୍ଷତାରେ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, କିଶୋର କୁମାର ପଣ୍ଡା,ବି ଡି ଓ ଖିରାବ୍ଦି ତନୟା ସାହୁ ତହସିଲଦାର ବିଭାଷ ପାଣିଗ୍ରାହୀ ଯୋଗଦେଇ ଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୯୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୮ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୦୮ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜାଗୁଲେଇ ପାଟଣା ର ଅକ୍ଷୟ ବେହେରାଙ୍କୁ ୫ ହଜାର, କୁମ୍ଭିଲୋ କେରଙ୍ଗର ନକୁଳ ବଡ଼ଜେନା ଙ୍କୁ ୧୦ ହଜାର ଏବଂ ବରସାହିର ଯୋଗେନ୍ଦ୍ର ବେହେରାଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗ କାରିଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧ ଜଣ ଅଭିଯୋଗ କାରି ବରସାହିର ମିଲୀ ବେହେରାଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଯୋଗାଇ ଦେଇଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଅଧିକ୍ଷଣ ଯନ୍ତ୍ରୀ,ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଖୋର୍ଦ୍ଧା ରଶ୍ମିତା ଦାସ,ଡେପୁଟି କଲେକ୍ଟର, ଅଭିଯୋଗ,ଆର୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କୁଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ୟାମଳେନ୍ଦୁ ନାୟକ,ସି.ଏସ ଓ, ସୁଗୁଡ଼ା ମୁର୍ମୁ,ଡି ଏସ ଏସ ଓ, ଦିଲ୍ଲୀପ ହିଆଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ଯୋଗ ଦେଇଥିଲେ ।

# ଫୁଲବାଣୀ ସମବାୟ ସମିତି ସମୂହ ପକ୍ଷରୁ ଜିଲ୍ଲା ସ୍ତରୀୟ ମଧୁବାବୁ ଜୟନ୍ତୀ ପାଳିତ

କନ୍ଧମାଳ,୨୯/୪(ନି. ପ୍ର): ଫୁଲବାଣୀ ଉପନିବନ୍ଧକ ସମବାୟ ସମିତି କାର୍ଯ୍ୟାଳୟରେ ଜିଲ୍ଲା ସମବାୟ ସମିତି ସମୂହ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ଫୁଲବାଣୀର ଶାଖା ପରିଚାଳକ କ୍ଷୀରୋଦ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ନିବନ୍ଧକ ସମବାୟ ସମିତି, ସୁକାନ୍ତ କୁମାର ପାଢୀ, ମଧୁବାବୁ ସମାଜର ତଳ ସ୍ତରରୁ ସବୁବର୍ଗର ଲୋକଙ୍କର ଅତି ପ୍ରିୟ ଥିଲେ । ସେ ୧୮୯୮ ମସିହାରେ ସମବାୟ ସମିତିର ଶୁଭାରମ୍ଭ କରିଥିଲେ । ଯାହାଦ୍ୱାରା ସମାଜର ତଳ ସ୍ତରର ଲୋକଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ହୋଇପାରିବ । ତାଙ୍କର ସେହି ପ୍ରଥମ ପଦକ୍ଷେପ ଆଜି ବିରାଟ ଭାବରେ ନିଜର କାୟା ବିସ୍ତାର କରିଛି ବୋଲି କହିଥିଲେ । ବାଲିଗୁଡା ଉପନିବନ୍ଧକ ସୁକାନ୍ତ କୁମାର ପାଢୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ମଧୁବାବୁଙ୍କ ସମବାୟ ସମିତି ର ପରିକଳ୍ପନା କରିଥିଲେ । ଏଥି ସହିତ ସେ ଓଡିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ବିଲାତରେ ପାଠ ପଢିବା ବ୍ୟକ୍ତି, ପ୍ରଥମ ବାରିଷ୍ଟର, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା ନଅଙ୍କ ଦୁର୍ଭିକ୍ଷ ବେଳେ ଖାଦ୍ୟ ଶସ୍ୟ ଅଭାବ ଯୋଗୁଁ ହଜାର ହଜାର ଲୋକଙ୍କ ଅନାହାରରେ ପ୍ରାଣହାନୀ ଘଟଣା ପରେ ଆଗକୁ ଲୋକେ ଯେପରି ଏହିଭଳି ପରିସ୍ଥିତି ନ ଉପୁଜେ ସେ ଦିଗରେ ସମବାୟ ସମିତି ର ପରିକଳ୍ପନା ହୋଇଥିଲା ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଫୁଲବାଣୀ ଉପନିବନ୍ଧକ ଲଳିତ ମାଝୀ ଯୋଗଦେଇ ଦେଶରେ ଥିବା ଜାତି ଭେଦ ପ୍ରଥାକୁ ପ୍ରତିହତ କରିବା ପାଇଁ ଏବଂ ଓଡିଆ ଭାଷାର ପ୍ରସାର ପାଇଁ ଅନେକ ଅନେକ ସଂସ୍ଥାର ମୂଳକ ପୁସ୍ତକ ଲେଖିଛନ୍ତି । ଓଡିଶାର ସେ ପ୍ରଥମ ମନ୍ତ୍ରୀ ଥିଲେ ଏହି ଅବସରରେ ସେ ଓଡ଼ିଶାର ଅନେକ ଉନ୍ନୟନ ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଆସିଷ୍ଟାଂଟ ଅଡିଟର ଜେନେରାଲ ଜୀତେନ୍ଦ୍ର ମିଶ୍ର ଯୋଗ ଦେଇ ମଧୁବାବୁ ଗୋଟିଏ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ସମାଜ ଓ ଦେଶର କିପରି ଉନ୍ନତି ହେବ, ପିଲାଟି ଦିନରୁ ତାଙ୍କର ମନ ଉଦବିଗ୍ନ ହେଉଥିଲା, ତେଣୁ ବର୍ଷା ଦିନରେ ବିଦ୍ୟାଳୟ ଯିବା ବାଟରେ କାଦୁଅ ହୋଇଥିବା ରାସ୍ତାର ମରାମତି କରିବା ପାଇଁ ସାଙ୍ଗ ସାଥି ମାନଙ୍କୁ ମେଳ କରିଥିବା ଘଟଣାର ଉଦାହରଣ ଦେଇଥିଲେ।ପରେ ପରେ ସମବାୟ ସମିତି ପକ୍ଷରୁ ୧୪ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ସମୁଦାୟ ୮ ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା । ଶେଷରେ ବାଲିଗୁଡ଼ା ଉପନିବନ୍ଧକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ: ମହିଳା ଗିରଫ

ଖୋର୍ଦ୍ଧା,୨୯/୪(ନି. ପ୍ର): ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ, ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବାଣପୁର ଥାନା କୁମାରାଙ୍ଗ ଶାସନ ଗ୍ରାମରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଉକ୍ତ ଗ୍ରାମର କସ୍ତୁରୀ ଦାସଙ୍କ ନିକଟରୁ ୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯଇଇଛି। ଅଭିଯୁକ୍ତ ଜଣକ ଗଞ୍ଜେଇ ବେପାର କରୁଥିବା ସୂଚନା ପୂର୍ବରୁ ଅବକାରୀ ବିଭାଗ ପାଇଥିଲା।

# ଓଡ଼ିଶା ସାହିତ୍ୟ ଏକାଡେମି ଓ ଲେଖକ ସାମ୍ମୁଖ୍ୟ ପକ୍ଷରୁ ରାଜ୍ୟସ୍ତରୀୟ କବିତା ଦରବାର କାବ୍ୟୋତ୍ସବରେ ସମ୍ମାନିତ ହେଲେ ମାଲକାନଗିରିର ବରିଷ୍ଠ କବି

ମାଲକାନଗିରି,୨୯/୪(ନି. ପ୍ର): ଫୁଲବାଣୀ ଠାରେ ଆୟୋଜିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ଲେଖକ ସାମ୍ମୁଖ୍ୟର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତାଦରବାର ଓ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଓଡ଼ିଆ ଭାଷା ସଂସ୍କୃତି ଓ ସାହିତ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ମାଲକାନଗିରି ଜିଲ୍ଲାର ସୁସାହିତ୍ୟିକ ଓ ବରିଷ୍ଠ କବି ରତ୍ନାକର ଦାଶଙ୍କୁ ସମ୍ମାନିତ କରାଯାଇଛି । ଫୁଲବାଣୀର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସାହିତ୍ୟ ଦରବାରରେ ରାଜ୍ୟର ତିରିଶି ଜିଲ୍ଲାରୁ ୩୦ ଜଣ ରାଜ୍ୟ ସ୍ତରୀୟ ବରିଷ୍ଠ କବି ସହ ବୌଦ୍ଧ ଏବଂ କନ୍ଧମାଳର ଅନ୍ୟୁନ ଶତାଧିକ କବି ଯୋଗଦେଇ କବିତା ପଠନ କରିଥିଲେ । ଏହି ଅଧିବେଶନରେ ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଆତ୍ମା ଓ କବିମାନେ ହିଁ ଦର୍ପଣ ସଦୃଶ ବୋଲି କହିଥିଲା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ପରସ୍ପର ପରିପୂରକ ଓ ସାହିତ୍ୟିକ ମାନେ ହିଁ ଏହାର ବିକାଶ ପଥର ରଥୀ ବୋଲି ଅଭିହିତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଓଡିଶାର ବିଶିଷ୍ଟ କବି ଶ୍ରୀ ବିପିନ ନାୟକ ଯୋଗଦେଇ କବିତା ଯାଦୁରେ ତଲ୍ଲୀନ କବି କୁଳ କିପରି ପାଗଳ ହୋଇଯାଏ, ଆଉ ରାଶି ରାଶି କବିତା ଲେଖି ସ୍ୱର୍ଣ୍ଣକ୍ଷରରେ ନିଜ ନାଁ ଲେଖିଯାଏ, ବିଭିନ୍ନ କାବ୍ୟିକ ଅଳଙ୍କାର ମଧ୍ୟରେ ବର୍ଣ୍ଣନା କରିଥିଲା ବେଳେ ବରିଷ୍ଠ ସାହିତ୍ୟିକ ପିତାମ୍ବର ତରାଇ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡ଼ିଆ କବି ସନ୍ଥ କବି ଭୀମ ଭୋଇ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାଳଜୟୀ କବିତା କିପରି ଓଡ଼ିଆ ମାନଙ୍କୁ ସ୍ୱୀକୃତି ପ୍ରଦାନ କରିଛି ବର୍ଣ୍ଣନା କରିଥିଲେ । ମନ୍ଦିର, ଫୁଲବାଣୀର କଳାକାର ମାନେ ପ୍ରାରମ୍ଭିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ସାମ୍ମୁଖ୍ୟ ର ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାଅନୁଷ୍ଠିତ ହୋଇଥିଲା, ସମ୍ପାଦକ ପ୍ରସନ୍ନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଂଗଠନ ସମ୍ପାଦକ ତଥା ବରିଷ୍ଠ କବି କୈଳାସ ଚନ୍ଦ୍ର ଧଳ ଅତିଥି ପରିଚୟ ତଥା ମଂଚ ସଂଚାଳନ କରିଥିଲେ । ଲେଖକ ସାମୁଖ୍ୟ ର ଆବାହକ କବି ବିଦେଶୀ ନାୟକ ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନଙ୍କୁ ସ୍ୱାଗତ ତଥା ଅଭିନନ୍ଦନ ଜଣାଇଥିଲେ । କବି ରତ୍ନାକର ଦାଶ ଜୀବନ ଶୀର୍ଷକ ଆଧାରରେ କବିତା ଆବୃତି କରିବା ସହ ମଂଚରେ ସମ୍ବର୍ଦ୍ଧିତ ହୋଇଥିଲେ । ଶେଷରେ ବରିଷ୍ଠ କବି ନିଦେଶୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଜୀବନ ଏକ ନାଟକ’ ପୁରସ୍କୃତ

ଜୟପୁର,୨୯/୪(ନି. ପ୍ର): ୧୯ ତମ ପଂଚପଟ ମାଳି ରାଜ୍ୟ ସ୍ତରୀୟ ନାଟକ ମୋହତ୍ସବ ଗତକାଲି ଶେଷ ହୋଇଯାଇଛି । ନାଲକୋ ଦାମନଯୋଡି ମଂଚରେ ପ୍ରସ୍ତୁତ ହୋଇଥିବା ନାଟକ‘ଜୀବନ ଏକ ନାଟକ ଜଗଦୀଶ ଅଧିକାରୀ ରଚନା କରିଥିବା ବେଳେ ନିରଞ୍ଜନ ପାଣିଗ୍ରାହି ନିର୍ଦ୍ଦେଶନା ଦେଇଥିଲେ । ଏ ନାଟକରେ ଅଂଶଗ୍ରହଣ କରିଥିବା କଳାକାର ମାନେ ହେଲେ ପଂଚାନନ ମିଶ୍ର, ଯୁଗଳ ସାହୁ, ବିଘ୍ନ ଆଚାର୍ଯ୍ୟ, ପବିତ୍ର ମଲ୍ଲିକ, ଅଶୋକ ମହାରଣା, ନିରଞ୍ଜନ ପାଣିଗ୍ରାହି, ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହି, ସୁଶ୍ରୀ ସମର୍ପିତା ପାଣିଗ୍ରାହିଏବଂ ଶିଶୁ କଳାକାର ନିବେଦନ ପାଣିଗ୍ରାହି ଅଭିନୟ କରିବା ବେଳେ ସଂଗୀତରେ ଥିଲେ ଜି. ମହେଶ, ରାମନିଗମ ମହାନ୍ତି ଏବଂ ମୁନା ମିଶ୍ର । ମଂଚ ଅମର ମିଶ୍ର ସହଯୋଗୀତାରେ ଶିଶିର ଦାଶ ଏବଂ ଶ୍ରୀ ଗୋପାଳ ସାମନ୍ତରାୟ ରହିଥିଲେ । ପ୍ରତିକୂଳ ପରିସ୍ଥିତିରେ ଜଣେ ନାଟ୍ୟକାର ନାଟକ ଲେଖିବାର ନିଶାକୁ ନେଇ କିପରି ସଂଘର୍ଷ କରୁଛି, ସେଇ ବିଷୟରେ ନାଟକର ବିଷୟ ବସ୍ତୁ ଆଧାରିତ ଥିଲା । ଅବଭିନେତା ଓ ଅଭିନେତ୍ରୀଙ୍କର ଉଦ୍ୟମ ପାଇଁ ସମଗ୍ର ଜିଲ୍ଲାରେ ନାଟ୍ୟ ଜଗତରେ ଖୁସିରେ ଲହରୀ ଖେଳିଯାଇଛି । ଲେଖକ ଶ୍ରୀ ଜଗଦୀଶ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ, ନାଟକ ପାଇଁ ପାର୍ଶ୍ୱ ଅଭିନେତ୍ରୀ ଭାବେ ବିଜୟାଲକ୍ଷ୍ମୀ ପାଣିଗ୍ରାହି, ବିଘ୍ନରାଜ ଅଚର୍ଯ୍ୟ ତଥା ନିବେଦନଙ୍କୁ ସମ୍ମାନିତ କରାଯାଇଥିଲା। ମଂଚରେ, ଶ୍ରୀ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସାରିବା ପରେ ପୁରସ୍କାର ଘୋଷଣା କରାଯାଇଥିଲା । ଆଗାମୀ ୨୦୨୬ ବର୍ଷ ପାଇଁ ନାଟକର ଶୁଭ ଆରମ୍ଭ ହୋଇଯାଇଛି ବୋଲି କଳାକାର ମାନଂକୁ ଧନ୍ୟବାଦ ଦେବା ସହ ନୂଆ ନାଟକ ପାଣ୍ଡୁଲିପି ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

# ବାଲିଯାତ୍ରାର ରୂପ ନେଲା ବୈତରଣୀ ମହୋତ୍ସବ: ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭୋର ଦର୍ଶକ

ଭଦ୍ରକ,୨୯/୪(ନି. ପ୍ର):କନିକା ଚାନ୍ଦବାଲି ବୈତରଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ମଂଚ ସ୍ଥାନୀୟ ଦୁର୍ଗା ପଡିଆ ଠାରେ ହଜାର, ହଜାର ଦର୍ଶକଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ବିଶ୍ୱ ରୂପଙ୍କୁ ପୂନ୍ୟତ୍ରୟା ବୈତରଣୀ ନଦୀ ଜଳ ସମର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା । ମହୋତ୍ସବ କମିଟିର କାର୍ଯ୍ୟକାରୀ ସଦସ୍ୟ ନିର୍ମଳ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜଜ କୋର୍ଟର ପୂର୍ବତନ ନ୍ୟାୟଧୀଶ ତଥା ସୋୟା ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ, ମୁଖ୍ୟବକ୍ତା କେନ୍ଦ୍ର ସୂଚନା ଅଧିକାର ଅଭିଯାନର ଉପସଭାପତି ଏବଂ ରାଜ୍ୟ ସଭାପତି ପ୍ରଦୀପ ପ୍ରଧାନ, ସମ୍ମାନିତ ଅତିଥି ବିଶିଷ୍ଟ ପରିବେଶବୀତ ତଥା ସମାଜସେବୀ ସୁଧୀର କୁମାର ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନର ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ମା’ ବୈତରଣୀ ନଦୀର ଇତିବୃତି ଉପରେ ଆଲୋକପାତ କରି ଏପରି ପୁଣ୍ୟତୋୟା ନଦୀକୁ ସରକାର ଅବହେଳା ପ୍ରଦର୍ଶନ କରୁଥିବାରୁ ସମାଲୋଚନା କରିବା ସହିତ ନଦୀକୁ ପୁନଃ ଖନନ କରି ପ୍ରଦୂଷଣ ମୁକ୍ତ କରାଇବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ମହୋତ୍ସବରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପଣ୍ଡା, ଅଭୟ କୁମାର ପତି ଏବଂ ସଂଗୀତ, କଳା ଓ ସଂସ୍କୃତିର ଉତଥାନ ପାଇଁ ପ୍ରଶଂସନୀୟ କାର୍ଯ୍ୟ କରୁଥିବା ସାଗରୀକା ମଲ୍ଲିକଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସଦସ୍ୟ ସୌମ୍ୟକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଆଡ଼ଭୋକେଟ ଆଦିତ୍ୟ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଶିଷ୍ଟ ବେଞ୍ଜୁ ବାଦକ ସୁରେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ରାଜକନିକାର ପୁରୁଷୋତମ ସାଂସ୍କୃତିକ ପ୍ରତିଷ୍ଠାନ ଏବଂ ଅଧକ୍ଷା ସାଗରୀକା ମଲ୍ଲିକଙ୍କ ଚାନ୍ଦବାଳିର ଫାଇନ ଆର୍ଟ ଏଣ୍ଡ ମ୍ୟୁଜିକ କଲେଜର କଳାକାରମାନେ ଭଜନ, ଆଧୁନିକ ସଂଗୀତ ପରିବେଷଣ କରିବା ସହିତ ଚିତାକର୍ଷକ ନୃତ୍ୟର ତାଳେ ତାଳେ ଝୁମିଥିଲେ ଦର୍ଶକ ସମୂହ । ଉକ୍ତ ମହୋତ୍ସବରେ ସଭାପତି ବୈକୁଣ୍ଠନାଥ ପରିଡା, କାର୍ଯ୍ୟକାରୀ ସଭାପତି ବ୍ରଜ କିଶୋର ପଣ୍ଡା, ଆବାହକ ବିଶ୍ୱକେଶରୀ ମହାନ୍ତି, ବରିଷ୍ଠ ସଦସ୍ୟ ଅମୀୟ ସାହୁ, ରଘୁନାଥ ସାହୁ,ବ୍ରଜ ସୁନ୍ଦର ମହାନ୍ତି, ଅମୂଲ୍ୟ କୁମାର ରାଉତ, ରଞ୍ଜନ ଦାସ, ଦେବବ୍ରତ ଦାସ, ସୌମ୍ୟକାନ୍ତ ନାୟକ, ରତିକାନ୍ତ ବାରିକ, କିଶୋର ନାୟକ, ଦିଲ୍ଲୀପ ବେହେରା, କେଦାର ମହାନ୍ତି, ସୁଶିଲ ବାରିକ,ପ୍ରେମଲତା ବାରିକ, ଗୀତାଞ୍ଜଳି ଜେନା, ଗୀତାଞ୍ଜଳି ମହାନ୍ତି,ଆଇଶା ରାଉତ,ଶୁଭଶ୍ରୀ ବାରିକ୍, ଚନ୍ଦ୍ରକାନ୍ତି ଦାସ, ସରୋଜ ମଲ୍ଲିକ, ଦେବେନ୍ଦ୍ର ମଲ୍ଲିକ, ପ୍ରକାଶ ସେଠୀ,ଅଶୋକ ସାହୁ, ତ୍ରିଲୋଚନ ପତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଜ୍ଞାପୀଠରେ ୭୬ତମ ଅମାବାସ୍ୟା ଆସର

ଭଦ୍ରକ,୨୯/୪(ନି. ପ୍ର): ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ର ରୁକ୍ମିଣୀ ଅମାବାସ୍ୟା ଆସର ପାଳିତ ହୋଇଯାଇଛି। ବରିଷ୍ଠ ଅଧିବକ୍ତା ଅଗଣି ଚରଣ ଜେନାଙ୍କ ସଭାପତିତ୍ୱରେ ମଞ୍ଚାସୀନ ଥିଲେ ‘ଆମେ’ର ପୂର୍ବତନ ସଭାପତି ଲଲାଟେନ୍ଦୁ ମହାନ୍ତି, ଅବସରପ୍ରାପ୍ତ ଫେକର ଡିଜିଏମ୍ ଗଙ୍ଗାଧର ମଲ୍ଲିକ ଓ ମୁଖ୍ୟବକ୍ତା ଥିଲେ ଡ. କ୍ଷୀରୋଦ ଚନ୍ଦ୍ର ସାମଲ। ରୁକ୍ମିଣୀ ଅମାବାସ୍ୟାର ପୃଷ୍ଠଭୂମି ପ୍ରେମ ଉପରେ ପର୍ଯ୍ୟବେଶିତ ଥିବାରୁ ‘ସାମ୍ପ୍ରତିକ ପ୍ରେମର ପରିଭାଷା’ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପଦକ ତଥା ଆସରର ଆବାହକ ପ୍ରଫେସର ଅଟଳ ବିହାରୀ ନାୟକ ଆଲୋଚନାର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଆଷଲାଚନାରେ ପ୍ରମୁଖ ବକ୍ତା ଭାବେ ଡ. ଗୋଲକ ବିହାରୀ ସାହୁ, ଅଶ୍ୱିନୀ କୁମାର ମହାନ୍ତି, ଅରୁଣ କୁମାର ରାୟ, ଅନୁଷ୍ଠାନର ସଭାପତି ଡ. ରାମଚନ୍ଦ୍ର ପଣ୍ଡା, ପ୍ର. ଶିବ ଚରଣ ଖାମୁରାଇ, ପ୍ରାଧାପିକା ଉଷାରାଣୀ ଜେନା ପ୍ରମୁଖ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି ଜଗନ୍ନାଥ ରାଉତ, ସମ୍ପାଦକର ପ୍ରଭାର ପରିଡ଼ା, ସହସମ୍ପାଦକ ଅଧାପକ ଅମିତ କୁମାର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ‘ଆମେ’ ଅନୁଷ୍ଠାନର ମିଡ଼ିଆ ସେଲ୍ କର୍ମକର୍ତା ପ୍ରତାପ କୁମାର ଦାସ ଓ ଶିବାନନ୍ଦ ଦାସ ଉତ୍ସବ ପରିଚାଳନାରେ ସହାୟତା କରିବା ସହିତ କେତେଗୁଡ଼ିଏ ନିର୍ଦ୍ଧିଷ୍ଟ ବିଷୟବସ୍ତୁ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଯୁବକବି ଅଂଶୁମାନ ସାହୁ, ଯୁବ ସମାଜସେବୀ ରଜତ ସାହୁ ଏବଂ ଯୁବ ଗୀତିକାର ଅରୂପାନନ୍ଦ ନାୟକ, ଦିଲିପ କୁମାର ନାୟକ ସ୍ୱରଚିତ କବିତା ପାଠ କରିଥିଲେ।

# ଫୁଲବାଣୀ ବାର ଆସୋସିଏସନର ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଆଇନଜିବୀ ଦିବସ ପାଳିତ

କନ୍ଧମାଳ ,୨୯/୪(ନି. ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ତଥା ଆଇନଜିବୀ ଦିବସ ଫୁଲବାଣୀ ବାର ଆସୋସିଏସନର ପକ୍ଷରୁ ପାଳନ କରାଯାଇଛି। ଫୁଲବାଣୀ ଗାନ୍ଧୀସ୍ମୃତି ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟପୀର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଆଇନଜୀବୀ ମାନଙ୍କ ଉଦ୍ଦେଶ୍ୟରେ ଏକ କାହାଣୀ ଛଳରେ, ସେମାନଙ୍କ କାର୍ଯ୍ୟ ବେଳେ ଯେପରି କାହାରିକୁ ଅନ୍ୟାୟ ର ସମ୍ମୁଖୀନ ହେବାକୁ ନ ପଡେ ସେହି ବାବଦରେ କହିବା ସହିତ ମଧୁବାବୁଙ୍କ ଜୀବନୀ ରୁ ଆମେ ବର୍ତ୍ତମାନ ଆତ୍ମ ଚିନ୍ତନ କରିବାର ସମୟ ଆସିଛି ନ ହେଲେ ପୁଣି ଆଉଥରେ ମଧୁବାବୁଙ୍କୁ ଆସିବାକୁ ପଡିବ ଯାହା ସମ୍ଭବ ନୁହେଁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ର ନାଥ ମିଶ୍ର ମଧୁବାବୁଙ୍କ ଜୀବନର ଅନେକ ଗୌରବମୟ ଇତିହାସ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ପାଢୀ ଯୋଗ ଦେଇ ମଧୁବାବୁଙ୍କ ଜୀବନ ଶୈଳୀ ବାବଦରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଅନେକ ଉଦାହରଣ ଛଳରେ ମନୁଷ୍ୟ ର କର୍ମ ଓ ତାର ଫଳା ଫଳ ବାବଦରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ବାର ଆସୋସିଏସନର ସଭାପତି ଚନ୍ଦ୍ର ଶେଖର ପରିଡା ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ କୁ ଆଇନଜୀବୀ ଦୀପକ କୁମାର ରଥ ପରିଚାଳନା କରିଥିବା ବେଳେ ସହସମ୍ପାଦକ ଆଇନଜୀବୀ ଦିଲ୍ଲୀପ କୁମାର ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୋମଳ ଗାନ୍ଧାର ସଙ୍ଗୀତ ଅନୁଷ୍ଠାନ ର ଅସିତ୍ ନନ୍ଦ ଏବଂ ସାଥି ମାନଙ୍କ ସହିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପରେ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପ୍ରଧାନ, ଶ୍ରୀମତୀ ଅଳକା ଦାସ,ଶ୍ରୀ ବଂଶୀଧର ମହାପାତ୍ର,ଶ୍ରୀ ଅଶୋକ କୁମାର ବେହେରା,ଶ୍ରୀ ବିଜୟ ମହାନ୍ତି, ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ,ଶ୍ରୀ ବନମାଳୀ ବେହେରା, ଶ୍ରୀ ନୀରଦ କୁମାର ପାତ୍ର,ଶ୍ରୀ ଶିଧେଶ୍ୱର ଦାସ, ଶ୍ରୀ ବିରେନ୍ଦ୍ର କୁମାର ସୁବୁଦ୍ଧି, ଶ୍ରୀ ପର୍ଶୁରାମ ବେହେରା, ଶ୍ରୀ ହରିଶ୍ଚନ୍ଦ୍ର ମହାରଣା, ଶ୍ରୀ ଭଗବାନ ମହାନ୍ତି, ଶ୍ରୀ ସତ୍ୟନାରାୟଣ ବେହେରା, ଶ୍ରୀ ଲମ୍ବୋଦର କହଁର, ଶ୍ରୀ ଅସୀମ ପ୍ରହରାଜ,ଶ୍ରୀ କମଳ ବେହେରା, ଶ୍ରୀ ଦେବୀ ପ୍ରସାଦ କର ଓ ଜ୍ଞାନରଞ୍ଜନ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଫୁଲବାଣୀ ବାର ଆସୋସିଏସନର ସମ୍ପାଦକ ବିରେନ୍ଦ୍ର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳନ

କେନ୍ଦ୍ରାପଡା, ୨୮ ଏପ୍ରିଲ୍ (ହି.ସ.): ଉତ୍କଳ ଗୌରବ ପୁଣ୍ୟାତ୍ମା ମଧୁ ସୁଦନ ଦାସଙ୍କ ୧୭୭ତମ ଜୟନ୍ତୀ ତଥା ଆଇନିଜିବୀ ଦିବସ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ପାଳନ କରାଯାଇଛି । ଜିଲ୍ଲା ଓକିଲସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରିତା ମହାନ୍ତି ମୁଖ୍ୟ ଅତିଥି, ପ୍ରଫେସର ମୋହନ ଚରଣ ଜେନା ମୁଖ୍ୟ ବକ୍ତା, ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ବାର୍ କାଉନସିଲ ସଦସ୍ୟ ଦିନେଶ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସର ରେ ଅତିଥି ମାନେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାମଲା ପରିଚାଳନା କରି ସଫଳତା ପାଇଥିବା ତଥା ସମବାୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ ତଥା ଓଡିଆ ଅସ୍ମିତା ର ପ୍ରମୁଖ ବିନ୍ଧାଣୀ ସ୍ୱର୍ଗତ ମଧୁବାବୁଙ୍କ ଜୀବନାଦର୍ଶ ତଥା ଜଣେ ଦକ୍ଷ ଆଇନଜୀବି ଭାବେ ମାମଲା ପରିଚାଳନା କରି ଅନେକ ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିଥିବା ପରିପ୍ରେକ୍ଷୀ ରେ ଅତିଥି ମାନେ ଆଲୋଚନା କରିଥିଲେ । ଏହି ଅବସର ରେ ଆଇନଜୀବି ମାନଙ୍କୁ ସମ୍ମାନିତ କରାଯାଇ ଥିଲା । ଧ୍ରୁବ ଚରଣ ଜେନାଙ୍କୁ ମଧୁ ସମ୍ମାନ, ଅଧିବକ୍ତା ନିଶିଥ ଚକ୍ରବର୍ତ୍ତୀ, ସୁଶ୍ରୀ ସଂଗୀତା ଦାଶଙ୍କୁ ’ଚକ୍ରଧର ସେନାପତି’ ଏବଂ ’ସୁରେଶ ଚନ୍ଦ୍ର ସେନାପତି’ ସ୍ମୃତି ସମ୍ମାନ, ତୁଳସୀ ମହାରଣାଙ୍କୁ ’ସୁଧାଂଶୁବାଳା ଦାସ ’ ସ୍ମୃତି ସମ୍ମାନ, ମାନସ କୁମାର ମହାନ୍ତି, ସୁରେଶ ପ୍ରଧାନଙ୍କୁ ’ଭାଗବତ ମହାନ୍ତି ସ୍ମୃତି ସମ୍ମାନ’, ଅଶୋକ ଗୋଛୟତଙ୍କୁ ’ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନ’ ନେହେରୁ କୁମାର ସାହୁଙ୍କୁ ’ପିତାମ୍ବର ମହାପାତ୍ର ସ୍ମୃତି ସମ୍ମାନ ’ ରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମ ରେ ଓକିଲ ସଂଘ ସଂପାଦକ ନୃସିଂହ ରାଉତ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ବିଭୂତି ଭୂଷଣ କର ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଆଶିଷ ସାମଲ, ଶାନ୍ତି ସ୍ୱରୂପ ଭୂୟାଁ, ନିତ୍ୟାନନ୍ଦ ସ୍ୱାଇଁ, ଗୌର ପ୍ରସାଦ ମହାପାତ୍ର, ରମେଶ ପ୍ରସାଦ ଲେଙ୍କା, ସୁବାସ ନାୟକ, ସୁବାଷ ମିଶ୍ର, ହାଡିବନ୍ଧୁ ସିଂ, ବିନୋଦ ବିହାରୀ ବେହେରା, ହରି ପ୍ରସାଦ କର, ମମତା ସାମଲ, ରେଣୁବଳା ସାମଲ, ନିରଞ୍ଜନ ବଳ ପ୍ରମୁଖ ଶତାଧିକ ଅଧିବକ୍ତା ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସରୋଜ ରାଜ ସିଂ, ଭୀମସେନ ଭୂୟାଁ, ବିଚିତ୍ରାନନ୍ଦ ମହାନ୍ତି, ସଞ୍ଜୟ କୁମାର ପତ୍ରୀ, ଗୋକୁଳି ରଞ୍ଜନ ଦାଶ, ଧିରେନ ସାହୁ, ଆଶିଷ କୁମାର ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ସତ୍ୟସାଇ ଇଂଜିନିୟରିଂ କଲେଜରେ ବାର୍ଷିକ ଉତ୍ସବ ସାଇ ଫେଷ୍ଟ ୨୦୨୫ ଉଦ୍‌ଘାଟିତ




ବାଲେଶ୍ୱର, ୨୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସତ୍ୟ ସାଇ ଇଂଜିନିୟର କଲେଜରେ ବାର୍ଷିକ ଉତ୍ସବ ସାଇ ଫେଷ୍ଟ ୨୦୨୫ ଉଦଯାପନ ଦିବସ ସତ୍ୟ ସାଇ ଇଂଜିନିୟର ଇଂଜିନିୟର ମୁଖ୍ୟ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନ ଖାଇର ର ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସତ୍ୟ ସାଇ ଗୃପର ଉଦଯାପନ ଦିବସରେ ୨୮/୦୪/୨୦୨୫ ରେ ମନ୍ତ୍ରୀ ଇଣ୍ଡଷ୍ଟ୍ରି ସ୍କିଲ ଡେଭଲପମେଣ୍ଟ ଟେକ୍ନିକାଲ ଏଡୁକେସନ ର ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ସତ୍ୟଜିତ ନାୟକ ( ଡିଆଇଜି ) ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ରେମୁଣା ବିଧାୟକ ସରକାରଙ୍କ ଉପସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସତ୍ୟ ସାଇ ଗ୍ରୁପର ଅଣୁ ମାଧବ ପଣ୍ଡା , ଓ ପଦ୍ମ ଲୋଚନ ପଣ୍ଡା ଙ୍କ ସାନ ପୁଅ ନୀଳ ମାଧବ ପଣ୍ଡା, ପ୍ରିନ୍ସିପାଲ ଯତୀନ୍ଦ୍ର କୁମାର ଦାସ , ଚେୟାରମେନ ଡିଗ୍ରୀ କଲେଜ ର ପ୍ରଭାସ ସ୍ୱାଇଁ , ଚେୟାରମେନ ଡିପ୍ଲୋମା କଲେଜ ର ଯତୀନ୍ଦ୍ର କୁମାର ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମାନ୍ୟବର ମନ୍ତ୍ରୀ ସମ୍ପଦ ସ୍ୱାଇଁ ସରକାରଙ୍କ ଦ୍ୱାରା ଓଡ଼ିଶା ବିକାଶ ବିଷୟରେ ସମ୍ୟକ୍ ସୂଚନା ଦେବା ସଙ୍ଗେ ସଙ୍ଗେ ସତ୍ୟ ସାଇ ଇଂଜିନିୟର କଲେଜରେ ପିଲାଙ୍କୁ ନିଜର ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ଦେଖିବା ଦରକାର ସେ ସ୍ୱପ୍ନ କିପରି ସାକାର ହେବ ସଦ ସର୍ବଦା ଚେଷ୍ଟା କରିବା ଦରକାର ଓ ମାତା ପିତାଙ୍କୁ ଭକ୍ତି କରିବା ଦରକାର ଓ ପାଠ ସହ ଶାଠରେ ମଧ ଜ୍ଞାନ ଅର୍ଜନ କରିବା ଦରକାର । ଡିଆଇଜି ସତ୍ୟଜିତ ନାୟକ ସତ୍ୟ ସାଇ ଇଂଜିନିୟର କଲେଜ ଉତ୍ତରା ଉତ୍ତର ଉନ୍ନତି ହେଉ ବୋଲି କହିଥିଲେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସତ୍ୟ ସାଇ ଇଂଜିନିୟର କଲେଜ ର ପ୍ରତିଷ୍ଠାତା ବେଣୁ ମାଧବ ପଣ୍ଡା ଙ୍କ ଆମର ଆତ୍ମାର ସତଗତି ହେଉ ଓ ଏହି ଇଂଜିନିୟର କଲେଜ ଓଡ଼ିଶାର ଏକ ନମ୍ବର ଅନୁଷ୍ଠାନ ଭାବେ ଗଢି ଉଠୁ ବୋଲି କହିଥିଲେ । ଅଣୁ ମାଧବ ପଣ୍ଡା ନୀଳମାଧବ ପଣ୍ଡା କଲେଜ ପିଲା ଓ ଅଫିସର କର୍ମଚାରୀ ରହିଲେ କଲେଜ ର ଉନ୍ନତି ହେବ । ସର୍ବ ଶେଷରେ ପ୍ରିନ୍ସିପାଲ ଯତୀନ୍ଦ୍ର କୁମାର ଦାସ ଧନ୍ୟବାଦ୍ ଦେଇଥିଲେ। ଓ ସତ୍ୟ ସାଇ ଇଂଜିନିୟର କଲେଜ ରେ ମ୍ୟାନେଜର ଅର୍ଦ୍ଧେନ୍ଦୁ ବାବୁଙ୍କୁ ଏଭଳି ଏକ ବାର୍ଷିକ ଉତ୍ସବ ସାଇ ଫେଷ୍ଟ୍ କୁ ଆଗେଇ ନେଇ ଥିବାରୁ ଧନ୍ୟବାଦ୍ ଦେଇଥିଲେ। ଏହାକୁ କଲେଜର ର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଟୋପାଏ ପାଣି ପାଇଁ ଡହଳ ବିକଳ ଗମ୍ଭାରିଆ କେନ୍ଦୁଘୁଟୁ ସାହିବାସୀ

ଚମ୍ପୁଆ, ୨୯/୪ (ନି.ପ୍ର): ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ତା ସାଙ୍ଗକୁ ତାଳ ଦେଇ ପିଇବା ପାଣିର ଅଭାବୀକରଣ ଯୋଗୁଁ ଲୋକେ ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଏହା ସହିତ ବସୁଧା ଯୋଜନାରେ ଘରକୁ ଘର ସଂଯୋଗ ହୋଇଥିବା ପାଣି ପାଇପରେ ମଧ ସାତ ଆଠ ଦିନରେ ଥରେ ପାଣି ଆସୁଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାହିରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଛି । ଫଳରେ ପିଇବା ପାଣି ସାହିବାସୀଙ୍କୁ ୩ ରୁ ୪ କିଲୋମିଟର ଯାଇ ସଂଗ୍ରହ କରିବାକୁ ପଡୁଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ।

ସୂଚନା ଅନୁଯାୟୀ, ଓଡ଼ିଶାର ଭାତ ହାଣ୍ଡି ବୋଲାଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ବଡ଼ନଇ ଗ୍ରାମପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହି। ଏହି କେନ୍ଦୁଘୁଟୁ ସାହିରେ ତିରିଶରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ଥିବା ଏକମାତ୍ର ନଳକୂପ ହିଁ ତାଙ୍କର ସାହା ଭରସା । ମାତ୍ର ଉକ୍ତ ନଳକୂପଟି ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ତାହା ସାହି ବାସୀଙ୍କ କାମରେ ଲାଗି ପାରୁ ନାହିଁ । ଏହା ସହିତ ଗ୍ରାମରେ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ ପାଇପ ଯୋଗେ ଆସୁଥିବା ପାଣି ମଧ ସାତ-ଆଠ ଦିନରେ ଥରେ ଲେଖାଏଁ ଆସୁଥିବାରୁ ସାହି ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାହିବାସୀ ପାଣି ସମସ୍ୟା ନେଇ ଜଳ ଯୋଗାଣର ଟୋଲ ଫ୍ରି ନମ୍ବରରେ ବାରମ୍ବାର ଯୋଗାଯୋଗ କରିଥିଲେ ସୁଦ୍ଧା ପାଣି ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ।

**AFFIDAVIT**

An affidavit before the executive Magistrate, Khaira, Balasore, I Sri Ramakanta Rout At-Nachhipur, Po-Nachhipur, P.S.-Khaira, Dist- Balasore, PIN- 756048 state that my former name is Ramakant Anantprasad Rout which is in records, deeds and writings. But henceforth I will be known as Ramakanta Rout in new name in place of old name Ramakant Anantprasad Rout and my new name Ramakanta Rout will be mentioned in all records, deeds and writings. Henceforth i will be known as Ramakanta Rout for all purpose.

Ramakanta Rout

# ଯୁଗମ୍ ଇନୋଭେସନ କନକ୍ଲେଭ - ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯/୪ (ନି.ପ୍ର): ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଯୁଗମ ଇନୋଭେସନ କନକ୍ଲେଭ - ୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଦେଶର ଭବିଷ୍ୟତ ଦେଶର ଯୁବପିଢ଼ିଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆଧୁନିକୀକରଣ କରୁଛୁ । ଦେଶରେ ନୂଆ ଶିକ୍ଷା ନୀତି ମଧ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ । ନ୍ୟାସନାଲ କରିକୁଲମ ଫ୍ରେମୱାର୍କ, ଲର୍ଣ୍ଣିଂ ଟିଚିଂ ମ୍ୟାଟେରିଆଲ ଏବଂ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକର ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ । ଆଜିର ଏହି ଆୟୋଜନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଇନୋଭେସନ କାପାସିଟି ଏବଂ ଡିପଟେକରେ ଭାରତର ଭୂମିକାକୁ ବଢାଇବା ପ୍ରୟାସକୁ ଅଧିକ ଗତି ପ୍ରଦାନ କରିବ । ଯୁଗମ କନକ୍ଲେଭ ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢାଇବା ଦିଗରେ ବଡ ଭୂମିକା ନିର୍ବାହ କରିବ । ଶ୍ରୀ ପ୍ରଧାନ କହିଛନ୍ତି, ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ୍), ଆମର ଆଇଇଟି, ଆଇଆଇଏସସି ଏବଂ ଆମର ଯୁବା ଇନୋଭେଟରଙ୍କୁ ମିଳିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ କଳ୍ପନାକୁ ଆଗକୁ ବଢାଇବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ । ଆଜି ଦେଶରେ ଗବେଷଣା ଏବଂ ନବସୃଜନର ଯେଉଁ ପ୍ରେରଣାଦାୟୀ ବାତାବରଣ ତିଆରି ହୋଇଛି, ତାହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ହିମାଳୟ ସଦୃଶ ପ୍ରତିବଦ୍ଧତା ଏବଂ ଦୂରଦର୍ଶୀ ନେତୃତ୍ୱ କାରଣରୁ ସମ୍ଭବ ହୋଇଛି, ଯାହା ଦେଶର ଯୁବବର୍ଗଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି। ୨୦୧୪ରେ ପ୍ରଥମେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ୩ଟି ରିସର୍ଚ୍ଚ ପାର୍କ୍ ଥିଲା, ଯାହା ଏବେ ୬କୁ ବୃଦ୍ଧି ହୋଇଛି । ଭାରତ ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କର ମଧ କଳ୍ପନା କରାଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଏକ ସହଯୋଗୀ ସ୍ତମ୍ଭ ରୂପରେ କାର୍ଯ୍ୟ କରୁଛି । ଅଟଳ ଇନୋଭେସନ ମିଶନ ଅନ୍ତର୍ଗତ ୧୦,୦୦୦ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ କାର୍ଯ୍ୟକ୍ଷମ ଅଛି । ଏହାର ସଫଳତାକୁ ଦେଖି ୨୦୨୫-୨୬ରେ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଅଧିକ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର ପ୍ରଦାନ କରାଯାଇଛି । ଆମର ଲକ୍ଷ୍ୟ ହେଉଛି, ଆମର ଯୁବଶକ୍ତି ଦେଶର ଆବଶ୍ୟକତା ଏବଂ ପ୍ରାଥମିକତା ଗୁଡ଼ିକୁ କେନ୍ଦ୍ରରେ ରଖି ନବସୃଜନ କ୍ଷେତ୍ରରେ ଅଧିକ ଯୋଗଦାନ ଦିଅନ୍ତୁ । ଭାରତରେ ହିଁ ଆଇଡ଼ିଆରୁ ଉତ୍ପାଦର ସମ୍ପୂର୍ଣ୍ଣ ଶୃଙ୍ଖଳା ବିକଶିତ ହେଉ, ଏହା ଆମର ସଂକଳ୍ପ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ ।

## ବାସୁଦେବପୁର ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

ବାସୁଦେବପୁର, ୨୯/୪ (ନି.ପ୍ର): ବାସୁଦେବପୁର ବାର ଆସୋସିଏସନ୍ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୁଦନ ଦାସ ଙ୍କ ସ୍ମୃତିରେ ମଧୁବାବୁ ଜୟନ୍ତୀ ପାଳିତ ହୋଇ ଯାଇଛି। ବାର ଆସୋସିଏସନ୍ ଉପ ସଭାପତି ସଜିତ୍ କୁମାର ଦାସ, ସମ୍ପାଦକ କୃପାସିନ୍ଧୁ ଜେନା, ସହ ସମ୍ପାଦକ ସୁଶାନ୍ତ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ବିଜୟ କୁମାର ରାୟ, କାର୍ଯ୍ୟକାରୀ ସଦସ୍ୟ ଅରୁଣ ମହାପାତ୍ର, ନାରାୟଣ ଚନ୍ଦ୍ର ନାୟକ, ସନ୍ତୋଷ ନାୟକ, ତପନ ନାୟକ, ଜୟରାମ ମଲ୍ଲିକ, ସୌମ୍ୟ ରଞ୍ଜନ ଦାସ, ରମେଶ ଚନ୍ଦ୍ର ଜେନା, ସାଗରିକା ମହାପାତ୍ର ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା। କୁନି କୁନି ପିଲା ମାନଙ୍କୁ ମଧ୍ୟ ଚକ୍ଲେଟ୍ ଦିଆ ଯାଇଥିଲା। ସମସ୍ତେ ଉତ୍କଳ ଗୌରବ ମଧୁ ବାବୁ ଙ୍କ ସାରସ୍ୱତ ସୃଷ୍ଟି ଓ ଦେଶ ପ୍ରେମ, ଜାତୀୟତା ବୋଧ କୁ ସମ୍ମାନ ଦେଲେ ଓ ତାଙ୍କ ନୀତି ଓ ଆଦର୍ଶ କୁ ପାଳନ କଲେ ଆମେ ନିଶ୍ଚିତ ସଫଳତା ପାଇ ପାରିବା ବୋଲି ଏହି ସଭାରେ ସାରାଂଶ ମିଳିଥିଲା ।

## ପରଲୋକରେ ଅବସର ପ୍ରାପ୍ତ ଫାର୍ମାସିଷ୍ଟ

ଜଳେଶ୍ୱର , ୨୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମର ଦିବାକର ନନ୍ଦୀଙ୍କ ମଧ୍ୟମ ପୁତ୍ର ରସାନନ୍ଦ ନନ୍ଦୀ (୭୩) ଙ୍କ ପରଲୋକ ଘଟିଛି ସେ ଗତ ୨ଦିନ ହେଲା ଶ୍ୱାସ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଆଜି ସକାଳ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା ସେ ଫାର୍ମାସିଷ୍ଟ ଭାବରେ ଦୀର୍ଘ ଦିନ ଧରି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ । ଶେଷ ଚାକିରି ସମୟରେ ନାମ୍ପ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ, ଅବସର ପରେ ପୈତୃକ ଗାଁ ନୂଆଗାଁରେ ରହୁଥିଲେ ଗ୍ରାମଓ ଗ୍ରାମରେ ଆଖ ପାଖ ଅଞ୍ଚଳର ଜନସାଧାରଣ ସୁବିଧା ପାଇଁ ଗ୍ରାମରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରି ନିଜ ଅଞ୍ଚଳରେ ପ୍ରଶଂସାର ପାତ୍ର ପାଲଟି ପାରିଥିଲେ ତାଙ୍କ ମୃତ୍ୟୁରେ ଗାଁରେ ସକାକୁଳ ପରିବେଶ ସୃଷ୍ଟି ହୋଇ ଥିଲା ଗାଁ ମଶାଣିକୁ ଭାଇ ମକରନ୍ଦ ନନ୍ଦୀ, ଆଶିଷ ନନ୍ଦୀ, ବିଷ୍ଣୁନାରାୟଣ ନନ୍ଦୀ, ମଧୁସୂଦନ ବାଗ, ମୋତିଲାଲ ଗିରି , ତପନ ନନ୍ଦୀ, ଅଜୟ ହାତୀ, ହରିଶଚନ୍ଦ୍ର ଘୋଷ, ସୁଶାନ୍ତ ହାତୀ, ଦିନମଣି ବେହେରା ପ୍ରମୁଖ ଗାଁ ମଶାଣିକୁ ଶେଷକୃତ୍ୟ ପାଇଁ ନେଇ ଯାଇ ଥିଲେ ପୁତ୍ର ପ୍ରଭୁନାରାୟଣ ନନ୍ଦୀ ମୁଖାଗ୍ନି ଦେଇଥିଲେ ।

## ପ୍ରତିମା ସେବା ସଦନରେ ମଧୁବାବୁଙ୍କ ୧୭୮ ତମ ଜୟନ୍ତୀରେ ଦହି ସର୍ବତ ବଣ୍ଟନ ଓ ଜଳଛତ୍ର




ବାଲେଶ୍ୱର , ୨୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହୁ ସ୍ଥିତ ପ୍ରତିମା ସେବା ସଦନ ରେ ଉତ୍କଳ ଗୌରବ ମଧୁସୁଦନ ଦାସ ଙ୍କ ଜୟନ୍ତୀ ଅବସରରେ ଦହି ସର୍ବତ ବଣ୍ଟନ କରାଯାଇଅଛି । ଏହାକୁ ବରିଷ୍ଠ ଆଇନଜୀବୀ ଓ ସମାଜ ସେବୀ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ଫିତା କାଟି ଉଦଘାଟନ କରିଥିଲେ ଏହି ଜୟନ୍ତୀ ରେ ସମାଜ ସେବୀ ଚନ୍ଦ୍ରାୟ ହେମ୍ବ୍ରମ , ପୁଷ୍ପାଞ୍ଜଳି ପାଢ଼ୀ , ମୁକୁଳ ପାତ୍ର , ପ୍ରବୀଣ ଦାସ , ଗୌତମ ବିଶ୍ୱାଳ , ଭବାନୀ ଶଙ୍କର ବିଶ୍ୱାଳ , ଚାନ୍ଦିନୀ ହାଁସଦା , ଆକାଶ ମେହେତା, ଯଶୋଦା ନନ୍ଦ ଆଶ, ମନୋଜ କୁମାର ଜେନା , ବିଷ୍ଣୁ ହାଁସଦା , ଭଗବାନ ଚନ୍ଦ୍ର ଦାସ , ଧିରୋଜ ଦାସ ପ୍ରମୁଖ ଉପସ୍ଥିତ ରହି ମଧୁବାବୁ ପ୍ରତି ମୂର୍ତ୍ତିରେ ପୁଷ୍ପ ପ୍ରଦାନ କରିଥିଲେ । ମଧୁବାବୁ ଙ୍କର ତ୍ୟାଗ ବଳିଦାନ ପାଇଁ ଆମେ ନିଜର ଜାତୀୟ ପରିଚୟକୁ ବଜାଇ ରଖିବା ସମ୍ଭବ ବୋଲି ବର୍ଣ୍ଣନା କରିଥିଲେ । ଓ ଲୋକଙ୍କୁ ଦହି ସର୍ବତ ବଣ୍ଟନ କରିଥିଲେ । ଓ ଜଳଛତ୍ର ସୁବନ୍ଟନର ଆରମ୍ଭ କରିଥିଲେ । ଏହାକୁ ପ୍ରତିମା ସେବା ସଦନର ସମସ୍ତ ସଭ୍ୟ , ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆକ୍ରମଣର ଟାର୍ଗେଟ...

ଆମର ଆକ୍ରମଣର ଶୈଳୀ, ଲକ୍ଷ୍ୟ, ସମୟ ନେଇ ନିଷ୍ପତ୍ତି ନେବାକୁ ସେନାକୁ ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଛି । ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ଏହି ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସିଥିଲା । ୯୦ ମିନିଟ୍ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ, ଏନଏସଏ ଅଜିତ୍ ଡୋଭାଲ, ସିଡିଏସ୍ ଏନଏସଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ୍ ଅନୀଲ ଚୌହ୍ୱାନ ଉପସ୍ଥିତ ଥିଲେ । ୩ ସେନାର ମୁଖ୍ୟ ମଧ ବୈଠକରେ ଉପସ୍ଥିତ ରହିଥିଲେ । ପହଲଗାମ୍ ହମଲା ପରେ ଏହା ହେଉଛି ସବୁଠୁ ବଡ଼ ବୈଠକ । ଯେଉଁଥିରେ ସୁରକ୍ଷା ଏଜେନ୍ସିର ସମସ୍ତ ଶୀର୍ଷ ଅଧିକାରୀ ଉପସ୍ଥିତ ରହିଥିଲେ । ପହଲଗାମ୍ ଆକ୍ରମଣ ପରେ ଆଜି ପ୍ରଥମ ଥର ପାଇଁ ୩ ସେନା ମୁଖ୍ୟଙ୍କ ସହ ବୈଠକ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି । ଏହି ବୈଠକରେ ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ହୋଇଥିବା ସୂଚନା ମିଳୁଛି । ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୃହମନ୍ତ୍ରୀ ଅମିତ ଶାହ ଭେଟିଛନ୍ତି । ସେହିପରି ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ବସିବାକୁ ଯାଉଛି । ତା'ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ, ଏନଏସଏ,ସିଡିଏସ ଓ ୩ ସେନା ମୁଖ୍ୟଙ୍କ ସହ ପିଏମ୍ ମୋଦିଙ୍କ ବୈଠକକୁ ନେଇ ଚର୍ଚ୍ଚା ବଢିଛି ।

## ପାକିସ୍ତାନୀଙ୍କୁ ଚିହ୍ନଟ ପରେ ...

ଯେଉଁମାନେ କି ଦୀର୍ଘ ବର୍ଷ ଧରି ଏସବୁ ସ୍ଥାନରେ ରହି ଆସୁଥିଲେ। ଖାଲି ରହୁନଥିଲେ ଭାରତୀୟ ପରିଚୟ ପତ୍ର ହାତେଇ ସରକାରୀ ଯୋଜନାରେ ଲାଭ ବି ଉଠାଉଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ପାକିସ୍ତାନୀ ନାଗରିକଙ୍କୁ ବିଦା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଯେଉଁଥିପାଇଁ ସାରା ଦେଶରେ ଧରପଗଡ଼ ଜୋର ଧରିଛି । ତଥ୍ୟ କହୁଛି ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ନାଗରିକ ରହୁଛନ୍ତି । ଆଜି ବ୍ରହ୍ମପୁରରେ ରହୁଥିବା ପାକିସ୍ତାନୀ ନାଗରିକ ରାହିମା ଆରାଙ୍କୁ ନୋଟିସ୍ କରିଛି ପୋଲିସ୍। ତେବେ ରାହିମା ଏବେ ବ୍ରହ୍ମପୁରରେ ନଥିବାରୁ ପୋଲିସ୍ ତାଙ୍କ ପରିବାରକୁ ନୋଟିସ୍ ଦେଇଛି। ରାହିମାଙ୍କ ଝିଅ ନିବେଦନ କରିଛନ୍ତି, ତାଙ୍କ ମାଆଙ୍କ କୌଣସି ସାହାରା ନଥିବାରୁ ତାଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଉ । ସେପଟେ ବାଲେଶ୍ୱର ସୋର ଅଂଚଳରେ ରହୁଥିବା ଅନ୍ୟ ଜଣେ ପାକ୍ ନାଗରିକ ରେଜିଆ ସୁଲତାନାଙ୍କ ଘରେ ଆଜି ପୋଲିସ୍ ପହଞ୍ଚିଥିବା ବେଳେ ସେ ବି ଅନୁପସ୍ଥିତ ଥିଲେ । ରେଜିଆ ଆଜି ବାଲେଶ୍ୱର ଆସି ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୌଣସି କାରଣରୁ ତାହା ହୋଇପାରିନାହିଁ । ତେଣେ ପାକିସ୍ତାନୀ ନାଗରିକ ପରେ ରାଜ୍ୟ ସରକାରଙ୍କ ଚିନ୍ତା ବଢାଇଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ । ହଜାର ହଜାର ବାଂଲା ଅନୁପ୍ରବେଶକାରୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହୁଛନ୍ତି । ପାକ୍ ନାଗରିକ ଚିହ୍ନଟ ପ୍ରକ୍ରିୟା ସରିବା ପରେ ସରକାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ନିଜ ଦେଶକୁ ବିଦା କରିବାକୁ ଯୋଜନା କରିଛନ୍ତି । କେନ୍ଦ୍ରାପଡ଼ା, ବାସୁଦେବପୁରରେ ବାଂଲାଦେଶୀ ଅନୁପ୍ରବେଶକାରୀ ରାସନ କାର୍ଡ ହାତେଇଥିବା ମଧ ନଜରକୁ ଆସିଛି । ତେବେ ଏଭଳି ଚଞ୍ଚକତା କିପରି ହେଲା ତାକୁ ନେଇ ଜିଲ୍ଲା ପ୍ରଶାସନ ବି ଆଶ୍ଚର୍ଯ୍ୟ । ଆଇନ୍ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ଛଦ୍ମବେଶରେ ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି । ପଶ୍ଚିମବଙ୍ଗରୁ ଛଦ୍ମ ପରିଚୟପତ୍ର ପ୍ରସ୍ତୁତ କରିଛନ୍ତି । ଏହାସହ ବିଗତ ସରକାର ଭୋଟ୍ ପାଇଁ ଏସବୁ ଅନୁପ୍ରବେଶକାରୀଙ୍କୁ ସରକାରୀ ଯୋଜନାରେ ସାମିଲ୍ କରିଥିଲେ । ଏଥର କିନ୍ତୁ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇ ରାଜ୍ୟରୁ ବିଦା କରାଯିବ । ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା ଆଗକୁ ଆରମ୍ଭ ହେବାକୁ ଯାଉଥିବା ବେଳେ, ଗୁଜରାଟ ଅହମ୍ମଦାବାଦରେ କିନ୍ତୁ ଆଜି ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇ ବେଆଇନ ଭାବେ ରହୁଥିବା ବାଂଲା ଅନୁପ୍ରେବଶକାରୀଙ୍କ ଘରକୁ ମାଟିରେ ମିଶାଇଛି ସ୍ଥାନୀୟ ପ୍ରଶାସନ ।

## ଦୀଘା ଜଗନ୍ନାଥ...

ଯାହାକୁ ବିରୋଧ କରି ସେଠିକୁ ନଯିବାକୁ ଶ୍ରୀମନ୍ଦିର ସୁଆର-ମହାସୁଆର ନିଯୋଗ ଓ ପୁଷ୍ପାଳକ ନିଯୋଗ ସେମାନଙ୍କ ସଦସ୍ୟଙ୍କୁ ଚେତାବନୀ ଦେଇସାରିଛି । ହେଲେ ସେଠିକା ପ୍ରତିଷ୍ଠା ପୂଜା ଓ ଯଜ୍ଞରେ କିନ୍ତୁ ସାମିଲ ହୋଇଛନ୍ତି ଖୋଦ୍ ଦଇତାପତି ନିଯୋଗ ସଂପାଦକଙ୍କ ସହ ପ୍ରାୟ ୬୦ରୁ ଅଧିକ ଦଇତା ସେବକ । ଯାହାକୁ ନେଇ ସୃଷ୍ଟି ହୋଇଛି କ୍ଷୋଭ । ପୁଷ୍ପାଳକ ନିଯୋଗ କଟକଣା ଲଗାଇଲା । ସୁଆର-ମହାସୁଆର ନିଯୋଗ ଚେତାବନୀ ଜାରି କାଲା । ତଥାପି ସେମାନଙ୍କଠୁ ଯେମିତି କିଛି ଶିଖିଲାନି ଦଇତାପତି ନିଯୋଗ । ଶ୍ରୀମନ୍ଦିରର ମହାନ ପରମ୍ପରାକୁ ପଛ କରିଦେଲା । ଯାହାର ପ୍ରମାଣ ଆପଣଙ୍କ ସାମ୍ନାରେ । ପଶ୍ଚିମବଙ୍ଗ ଦୀଘାରେ ଶ୍ରୀମନ୍ଦିର ଢାଞ୍ଚାରେ ଏକ ଅବିକଳ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପୂର୍ବ କଳସ ଶୋଭାଯାତ୍ରା ଓ ଯଜ୍ଞ, ସବୁଠି ସାମିଲ ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସମହାପାତ୍ର । କାଲି ଅକ୍ଷୟ ତୃତୀୟାରେ ଉକ୍ତ ମନ୍ଦିରର ଉଦଘାଟନ ହେବ । ସେଥିପାଇଁ ସେଠି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡେରା ପକାଇଥିବାବେଳେ ତାଙ୍କ ପାଖେ ପାଖେ ରହୁଥିବା ରାମକୃଷ୍ଣ କହିଛନ୍ତି-ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ପୁରୀରୁ ପାଖାପାଖି ୬୦ରୁ ୭୦ ଦଇତାପତି ଆସିଛନ୍ତି, ଏଠି ମଧ ଶ୍ରୀମନ୍ଦିର ଭଳି ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ରହ୍ମ ସ୍ଥାପନ ହେବ । ଅବିକଳ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ ହେଉଛି ଦୀଘା ଜଗନ୍ନାଥ ମନ୍ଦିର । ଯାହାକୁ ବିରୋଧ କରି ସେଠି ରୋଷ କାର୍ଯ୍ୟକ୍ରମରେ କେହି ସାମିଲ ନହେବାକୁ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ଚାରିଦ୍ୱାରରେ ୩ଦିନ ତଳେ ଏମିତି ନୋଟିସ୍ ଲାଗିଥିଲା, ଯେଉଁଥିରେ ସେଠିକୁ ଅବଢ଼ା କି ଶୁଖିଲି ମହାପ୍ରସାଦ ରାନ୍ଧିବାକୁ ନଯିବାକୁ ଯୋଗାଣିଆ, ତୁଣିଆ ଓ ପାଣିଆ ସେବକମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା । ନିର୍ଦ୍ଦେଶ ଅମାନ୍ୟ କଲେ ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ରୋଷ ସହ ନିଯୋଗରୁ ସମ୍ପୂର୍ଣ୍ଣ ବାସନ୍ଦ ପାଇଁ ବି ଧମକାଇ ଥିଲା । ସେମତି ପୁଷ୍ପାଳକ ନିଯୋଗ ମଧ ଦୀଘା ଜଗନ୍ନାଥ ମନ୍ଦିରରେ ଆରତୀ, ବେଶ ଓ ଅବକାଶ ପୂଜାରେ କୌଣସି ସଭ୍ୟ ସାହାଯ୍ୟ କଲେ ଏହା ନିଯୋଗ ବିରୁଦ୍ଧ କାର୍ଯ୍ୟ ବୋଲି ଧରିବାକୁ ଚେତାବନୀ ଦେଇଥିଲା । ହେଲେ ତା'ସତ୍ତ୍ୱେ ଦଇତାପତି ନିଯୋଗ ସଂପାଦକ ଓ ସଦସ୍ୟ ସେଠିକୁ ଯିବା ନେଇ ସୃଷ୍ଟି ହୋଇଛି କ୍ଷୋଭ । ନିୟୁ ଦୀଘା ରେଳଷ୍ଟେସନ ନିକଟରେ ୨୦ ଏକର ଜାଗାରେ ୨୫୦କୋଟି ବ୍ୟୟରେ ପଶ୍ଚିମବଙ୍ଗ ସରକାର ନିର୍ମାଣ କରୁଛନ୍ତି ନୂଆ ଜଗନ୍ନାଥ ମନ୍ଦିର। ପୁରୀ ଶ୍ରୀମନ୍ଦିର ଅନୁକରଣରେ ଏ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାଲି ଉଦଘାଟନ କରିବେ । ହେଲେ ଏହାକୁ ବିରୋଧ କରିଛନ୍ତି ପଶ୍ଚିମବଙ୍ଗ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ । ପୁରୀରେ ଜଗନ୍ନାଥ ଧାମ ଥାଉ ଥାଉ, ସରକାରୀ ଟଙ୍କାରେ ଦୀଘାରେ ପୁଣି ଏକ ଜଗନ୍ନାଥ ମନ୍ଦିର ନିର୍ମାଣକୁ ନେଇ ସେ ମମତାଙ୍କୁ ଟାର୍ଗେଟ୍ କରିଛନ୍ତି । ତେଣେ ମମତା କହିଛନ୍ତି- ଦୀଘାରେ ସମୁଦ୍ର ଅଛି, ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଗଲେ ଏହା ଆନ୍ତର୍ଜାତିକ ଟୁରିଷ୍ଟ ସ୍ପଟ୍ ହୋଇଯିବ । ଏଣେ ଏସବୁ ଭିତରେ ପ୍ରଶ୍ନ- ଓଡ଼ିଶା ସୀମାନ୍ତ ଦୀଘା ଜଗନ୍ନାଥ ମନ୍ଦିର ପାଇଁ ପୁରୀର ଗରିମା ନଷ୍ଟ ହେବ ନି ତ ?

## 'ଆୟୁଷ୍ମାନ ଭାରତ' ଯୋଜନା...

ସଫ୍ଟୱେୟାର, ଅପରେସନାଲ୍ ଓ ପ୍ୟାକେଜ ଦର ବିରୋଧରେ ଘରୋଇ ହସ୍ପିଟାଲମାନେ ସ୍ୱର ଉଠାଇଥିଲେ। ଆଜି ରାଜ୍ୟ ସରକାର ଏହା ଉପରେ ଘରୋଇ ହସ୍ପିଟାଲର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଯେଉଁ କେତେଗୁଡ଼ିକ ରୋଗର ଚିକିତ୍ସାର ନେଇ ପ୍ୟାକେଜ୍ ଦର କମ୍ ରହିଛି ତାହାର ସମାଧାନ କରିବା ଲାଗି ରାଜ୍ୟ ସରକାର ରାଜି ହୋଇଥିବା ଘରୋଇ ହସ୍ପିଟାଲଙ୍କ ତରଫରୁ ସୂଚନା ମିଳିଛି। ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେବା ପରେ ପ୍ରଥମ ଥର ଲାଗି ଘରୋଇ ହସ୍ପିଟାଲମାନଙ୍କୁ କଡ଼ା ତାଗିଦ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସେ କହିଛନ୍ତି। ଆୟୁଷ୍ମାନରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆୟୁଷ୍ମାନ ଚିକିତ୍ସାରେ କୌଣସି ଅବହେଳାକୁ ବରଦାସ୍ତ କରାଯିବନି।ସ୍ୱାସ୍ଥ୍ୟସେବାରେ ବଡ଼ ଭୂମିକା ଗ୍ରହଣ କରିବ ଆୟୁଷ୍ମାନ କାର୍ଡ। ଆୟୁଷ୍ମାନ ଯୋଜନା ଦ୍ୱାରା ଅନେକ ଗରିବ ଓ ମଧ୍ୟବିତ୍ତ ଲୋକ ଉପକୃତ ହେଲେ। ତେବେ ଏହି ସେବାରୁ ଯେପରି କୌଣସି ବି ହିତାଧିକାରୀ ଯେପରି ବାଦ ନପଡ଼ନ୍ତି, ଯେପରି କୌଣସି ଅବହେଳା ନ ହୁଏ ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହୁରି ମଧ କହିଛନ୍ତି କି, ଆୟୁଷ୍ମାନ ପ୍ୟାକେଜ୍ ବଢାଇବାକୁ ଯୋଜନା ଚାଲିଛି। ଆଗାମୀ ଦିନରେ ଯେପରି ଲୋକଙ୍କୁ ଅଧିକ ସୁବିଧା ମିଳିପାରିବ, ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେଏୱାଇ) ଓ କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ'ର ମିଶ୍ରଣରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ସୁବିଧା ଦିଆଯାଉଛି। ଚଳିତ ମାସ ୧୧ତାରିଖରୁ ଏହି ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ପାଇଁ ଘରୋଇ ହସ୍ପିଟାଲରେ ରୋଗୀ ଚିକିତ୍ସାରେ ହ୍ରାସ ଦେଖିବାକୁ ମିଳିଥିଲା।

## ଭିଜିଲାନ୍ସ ଜାଲର ଅବକାରୀ...

ମିଳିଥିବା ସୂଚନା ଅନୁସାରେ ଗାଡ଼ିରୁ ପ୍ରାୟ ୩ ଲକ୍ଷ ଟଙ୍କା ଜବତ ହୋଇଛି। ରିପୋର୍ଟ ଲେଖାଯିବା ବେଳକୁ ଭିଜିଲାନ୍ସ ଟିମ୍ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କ ମହାବୀର ବଜାରସ୍ଥିତ ସରକାରୀ କ୍ୱାର୍ଟରରେ ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ସରିବା ପରେ ଗାଡ଼ିରୁ ଜବତ ହୋଇଥିବା ଟଙ୍କା କେଉଁଠୁ ଆସିଥିଲା, ସେନେଇ ଜଣାପଡ଼ିବ। ସୂଚନାଯୋଗ୍ୟ, ଅବକାରୀ ଅଧୀନାୟକ କ୍ରିଷ୍ଣା ନାୟକ କିଛି ମାସ ପୂର୍ବରୁ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଏଠାକୁ ବଦଳି ହୋଇ ଆସିଥିଲେ। ତାଙ୍କର କାର୍ଯ୍ୟଶୈଳୀ କେତେ ? ଭଲ ବା ଖରାପ ସମୟ କହିବ। କିନ୍ତୁ ଆଜିର ଏହି ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ପ୍ରତି ଜନତାଙ୍କ ଚିନ୍ତାଧାରା ନିଶ୍ଚିତ ରୂପେ ଭିନ୍ନ ପରିଲକ୍ଷିତ ହେଉଛି।

## ମେ' ୨ରୁ ...

୫ ତାରିଖରେ ଏଲଇ.ଟେକ୍ (ଡିପ୍ଲୋମା), ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବି. କ୍ୟାଟ୍ ଏବଂ ଏଲଇ.ଟେକ୍ ବିଏସସି ରହିଥିବା ବେଳେ ୬ ତାରିଖରେ ଏମ୍‌ସିଏ, ବି.କ୍ୟାଟ,ଏମ୍.ଫାର୍ମ, ଏମ୍ ଆର୍କ, ଏମ.ପ୍ଲାନ୍ ଓ ଏମ୍. ଟେକ ପରୀକ୍ଷା ରହିଛି। ସେହିପରି ୧୦ ତାରିଖରେ ବେସିକ ବିଏସ୍‌ସି ନର୍ସିଂ ରହିଥିବା ବେଳେ ୧୧ ତାରିଖରେ ବେସିକ ବିଏସ୍‌ସି ନର୍ସିଂ, ପୋଷ୍ଟ ବେସିକ ଡିପ୍ଲୋମା ନର୍ସିଂ ଏବଂ ଏମ୍.ଏସ୍‌ସି ନର୍ସିଂ ରହିଛି। ୧୨ ତାରିଖରେ କେବଳ ଏଲଇ.ଟେକ୍(ଡିପ୍ଲୋମା) ରହିଥିବା ବିଜ୍ଞପ୍ତିରୁ ଜଣାପଡିଛି। ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଓଜେଇଇ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ସୂଚନା ଦିଆଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବେଳାଭୂମି ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

ବାସୁଦେବପୁର, ୨୯/୪ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦର ପନ୍ଦର ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କବି ସୁଧାଂଶୁ ଶେଖର ମିଶ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ତ୍ୟାଗଭୂମି ର ସଭାପତି ଅଜୟ ନାୟକ, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ସ୍ତମ୍ଭକାର ଡକ୍ଟର ବିଶ୍ୱ ରଞ୍ଜନ ଦାସ, କବି ରତ୍ନାକର ବାରିକ୍ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡିଶାର ପ୍ରଖ୍ୟାତ କବି ପଦ୍ମ ଲୋଚନ ନାୟକ ଙ୍କ କାବ୍ୟ କବିତା ସମ୍ପର୍କରେ କବି ବନ୍ଧୁ ଆଲୋଚନା କରିଥିଲେ। ସମ୍ପାଦକ ନିରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ କବି କୈଳାସ ଚନ୍ଦ୍ର ନାଥ। ଅନୁଷ୍ଠାନର ମୁଖପତ୍ର ପୂର୍ବାଶା ଏହି ଉତ୍ସବରେ ଉନ୍ମୋଚିତ ହୋଇ ଥିଲା। ଏହି ଅବସରରେ କବିତା ପାଠ ହୋଇ ଥିଲା। କବି ରଞ୍ଜନ ନାୟକ ସଂଯୋଜନା କରିଥିଲେ। ରାଜୀବ ଲୋଚନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



# ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ଓ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କ ଦୁଇ ଦିନିଆ ବାଲେଶ୍ୱର ଗସ୍ତ ଏବଂ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ବାଲେଶ୍ୱର , ୨୯/୪ (ନି.ପ୍ର): ଓଡିଶା ସରକାରଙ୍କ ଶକ୍ତି, ବୈଦୁତିକ ଅଣୁବିଜ୍ଞାନ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ସଚିବ ଶ୍ରୀଯୁକ୍ତ ବିଶାଳ କୁମାର ଦେବ ଦୁଇ ଦିନିଆ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଦ୍ୟ ସକାଳ ୭ ଘଟିକା ରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରୁ ସଡକ ପଥରେ ବାହାରି ଆଇ.ଟି.ଆଇ ଛକ ସ୍ଥିତ ଏମ.ପି.ଏଚ (ସ୍କୋର୍ଟ୍ସ) ର କାର୍ଯ୍ୟ, ନରହରିପୁର ଠାରେ ବେଗମପୁର ଆଙ୍ଗନବାଡୀ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହ ପାରସ୍ପରିକ ମତ ବିନିମୟ, ବେଗମପୁର ଠାରୁ ଗ୍ରାମ୍ୟ ଜଳ ଓ ପରିମଳ ସଂସ୍ଥା ଦ୍ୱାରା ଗଣ୍ଡର୍ଦା ଠାରେ କ୍ଷୁଦ୍ର ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ତଦାରଖ, ଅଯୋଧା ଠାରେ ଜଳ ବିଶୋଧନାଗାର ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ସଜନାଗଡ଼ ସ୍ଥିତ ଭୁଧାରଚଣ୍ଡୀ ମନ୍ଦିରର ପର୍ଯ୍ୟଟନ ବିଭାଗ ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟ, ନୀଳଗିରି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ପୋଷଣ କେନ୍ଦ୍ର ସହିତ ଚିକିତ୍ସାଳୟର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ପରେ କେ.ସି ହାଇ ସ୍କୁଲ ଠାରେ ପିଏମ୍ ଶ୍ରୀ ଯୋଜନା କାର୍ଯ୍ୟ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ସଭାରାମପୁର ସ୍ଥିତ ଟି.ପି.ଏନ.ଓ.ଡି.ଏଲ ପ୍ରକଳ୍ପର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ସାମିଲ ଥିଲେ । ଏହା ପରେ ଅପରାହ୍ନ ୪ ଘଟିକା ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରମୁଖ ସଚିବ ଶ୍ରୀଯୁକ୍ତ ବିଶାଳ କୁମାର ଦେବଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ ଏବଂ ଏହାର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଭୁଶୁଡ଼ିବ ବୁଢ଼ାବଳଙ୍ଗ ବେଲପାଳ ସେତୁ, ଦବୁଛି ପିଲର: ଘନଉଛି ବିପଦ



ବଡସାହି, ୨୯/୪ (ନି.ପ୍ର): ରାଜ୍ୟରେ ନିର୍ମାଣାଧୀନ କିମ୍ବା ନିର୍ମିତ ପୋଲ ଭୁଶୁଡିବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥାଏ। ଅନଭିଜ୍ଞ କର୍ମଚାରୀଙ୍କ ପାଇଁ ନିମ୍ନମାନର କାର୍ଯ୍ୟ ଫଳରେ ଅନେକ ଧନଜୀବନ ନଷ୍ଟ ହେଉଛି । ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଚାପରେ ପଡ଼ି ଅଧିକାରୀମାନେ ଆଖି ବୁଜି ଦେବାରୁ ଏପରି ଘଟଣା ଲୋକଲୋଚନକୁ ଆସିବାରେ ଲାଗିଛି । ପୋଲ ନିର୍ମାଣ ସମୟରେ ନିର୍ଦ୍ଦିଷ୍ଟ ଗଭୀର ବିଶିଷ୍ଟ ପିଲର ନିର୍ମାଣ କରାଯାଉ ନ ଥିବାରୁ ପରବର୍ତ୍ତୀ ସମୟରେ ପୋଲ ବିପଦସଙ୍କୁଳ ଅବସ୍ଥାକୁ ଆସିବା ଆଶଙ୍କା ଦେଖାଦେଇଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ-ବଡ଼ସାହି ପୂର୍ତ୍ତ ବିଭାଗ ରାସ୍ତାର ବେଲପାଳ- ଘୁଷୁରିଆ ବୁଢାବଳଙ୍ଗ ପୋଲରେ। ବଡସାହି ନିର୍ବାଚନ ମଣ୍ଡଳୀର ବଡସାହି ଓ ବେତନଟୀର ସଦର ମହକୁମାକୁ ସଂଯୋଗ କରୁଥିବା ବ୍ୟସ୍ତ ବହୁଳ ରାସ୍ତାରେ ୧୯୯୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପୂର୍ତ୍ତ ବିଭାଗର ବେତନଟୀ ଡିଭିଜନ ଅଧୀନରେ ପୋଲର ନିର୍ମାଣ କାର୍ଯ୍ୟ ୧୯୯୯ମସିହାରୁ ଆରମ୍ଭ କରାଯାଇଥିଲା। କୋଟି କୋଟି ଟଙ୍କା ବ୍ୟୟ ବରାଦରେ ୨୭୦ମିଟର ଦୈର୍ଘ୍ୟ ବିଶିଷ୍ଟ ପୋଲ କାର୍ଯ୍ୟ ଦୀର୍ଘ ୮ବର୍ଷ ଧରି ଚାଲିବା ପରେ ୨୦୦୬ରେ ପୋଲର ନିର୍ମାଣ କାର୍ଯ୍ୟ ସମାପନ ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ମାତ୍ର ନିର୍ମାଣର କିଛି ବର୍ଷ ପରେ ପୋଲର ଉତ୍ତର ପାର୍ଶ୍ୱରେ ଥିବା ୩ଟି ଖୁଣ୍ଟ ଦବିବା ଆରମ୍ଭ ହୋଇଥିଲା । ପରେ ପିଲର ଉପରେ ସମାନ୍ତରାଳ ଭାବେ ପଡ଼ିଥିବା ସ୍ଲାବଗୁଡିକ ଉପରକୁ ଢେଉ ସଦୃଶ ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଗଣ ଏହାକୁ ଲୁଚାଇବାକୁ ଯାଇ ପିଚୁରେ ହମ୍ପସ ନିର୍ମାଣ କରିଛନ୍ତି । ପୋଲ ଉପରେ ଭାରୀଯାନ ଚଳାଚଳ କରିବା ସମୟରେ ଉକ୍ତ ସ୍ଥାନରେ ପାର ହେବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ପୋଲର ୩ଟି ସ୍ଥାନରେ ସ୍ଲାବଗୁଡିକ ଉଠି ପଡ଼ିଥିବାରୁ ବିପଦ ଆଶଙ୍କା ରହିଛି। କେତେବେଳେ ଅଘଟଣ ଘଟିବ ତାହା କହିହେବ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହି ପୋଲ ଦେଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ । କୌଣସି ଅଘଟଣ ହେବା ପୂର୍ବରୁ ତଦନ୍ତ କରି ଆଶୁ ପଦକ୍ଷେପ ଗ୍ରହଣ କରାଗଲେ ଧନଜୀବନ ନଷ୍ଟ ହେବାରୁ ରକ୍ଷା ମିଳନ୍ତା ବୋଲି ପ୍ରବୋଧ ଭୂୟାଁ, ସଞ୍ଜୟ ଜେନା ଓ ସଦାନନ୍ଦ ଦଣ୍ଡପାଟ ପ୍ରମୁଖ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ତେବେ ନିର୍ମାଣ ସମୟରେ ୩ଟି ଖୁଣ୍ଟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ମାଟି ପରୀକ୍ଷାକୁ ନେଇ ପିଲର ଗୁଡିକ ନିର୍ଦ୍ଦିଷ୍ଟ ମିଟର ଭିତରକୁ ଦବାଇବାରୁ ତାହା କୌଣସି କାରଣରୁ ଅଟକି ରହିଥିଲା। ଦୀର୍ଘ ଦିନ ଧରି ଝୁଲି ରହିବା ପରେ ଅଭିଜ୍ଞ ଇଞ୍ଜିନିୟରଙ୍କ ପ୍ରୟାସରେ ତାହା ସିଧା କରାଯାଇଥିଲା । ଉକ୍ତ ପିଲରକୁ ଅଧିକ ଦବାଇବାକୁ ଚେଷ୍ଟା କରାନଯାଇ ସେଥିରେ ଢଳାଇ ପକାଇ ସମ୍ପୂର୍ଣ୍ଣ କରିବାରୁ ପରବର୍ତ୍ତୀ ସମୟରେ ଏପରି ଅବସ୍ଥା ଉପୁଜିଥିବାର ଗ୍ରାମବାସୀ ପ୍ରକାଶ କରିଛନ୍ତି । ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏପରି ବିପଦ ଆଶଙ୍କା ଦେଖାଯାଇଥିବା ଅଞ୍ଚଳବାସୀ ପ୍ରକାଶ କରୁଥିବା ବେଳେ ତତ୍କାଳୀନ ସମୟରେ ରାଜସ୍ୱ ବିଭାଗ ପୋଲ ନିକଟରେ ବାଲି ସେରାତ ମଞ୍ଜୁର ପରେ ବାଲି ଉତ୍ତୋଳନ ଜନିତ କାରଣରୁ ପିଲର ଦବୁଥିବାର କିଛି ଅଞ୍ଚଳବାସୀ ମୁହଁ ଖୋଲିଛନ୍ତି।

# ଶକ୍ତି ଓ ଆଇ.ଟି ପ୍ରମୁଖ ସଚିବ ବିଶାଳ ଦେବଙ୍କ ନୀଳଗିରି ଗସ୍ତ



ନୀଳଗିରି, ୨୯/୪ (ନି.ପ୍ର): ବାଲେଶ୍ୱର ଗସ୍ତରେ ଆସିଥିବା ଶକ୍ତି ଓ ଆଇ.ଟି ବିଭାଗର ପ୍ରମୁଖସଚିବ ବିଶାଲ୍ ଦେବ ମଙ୍ଗଳବାର ପୂର୍ବାହ୍ନରେ ନୀଳଗିରି ବ୍ଲକ ଗସ୍ତ କରିଛନ୍ତି।ଏହି ଗସ୍ତ ଅବସରରେ ଶ୍ରୀ ଦେବ ନୀଳଗିରି ଉପଖଣ୍ଡ ହସ୍ପିଟାଲ୍ ପରିଦର୍ଶନ କରିଥିଲେ। ଡାକ୍ତରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବାସହ ରୋଗୀ ଓ ଡାକ୍ତରମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କିଛି ରୋଗୀ ଯକ୍ଷ୍ମାଔଷଧ ମିଳୁନଥିବା,ରୋଗୀ ତଳେ ଶୋଉଥିବା, ଦୀର୍ଘଦିନ ଧରି ଜଣେ ଡାକ୍ତର ବିଭିନ୍ନ ଆଳଦେଖାଇ ହସ୍ପିଟାଲ୍ ଛାଡୁନଥିବା ଅଭିଯୋଗ କରିବା ସହ ବନ୍ଦ ରହିଥିବା ବିଭିନ୍ନ ବିଭାଗ ଓ ଡାକ୍ତର ପଦବୀ ଗୁଡିକୁ ପୂରଣ କରିବାକୁ ଦାବୀ ହୋଇଥିଲା ।ପରେ ଶ୍ରୀ ଦେବ ନୀଳଗିରିର ସର୍ବପୁରାତନ କେସି ହାଇସ୍କୁଲ,ଅଯୋଧାରେ ଚାଲିଥିବା ମେଗା ଜଳଯୋଗାଣ ପ୍ରକଳ୍ପ ବୁଲି ଦେଖିବା ସହିତ ସଜନାଗଡ ଯାଇ ମାଭୂଧାରଚଣ୍ଡୀ ମନ୍ଦିର ଯାଇ ସମୀକ୍ଷା କରିବା ସହିତ ମା ଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ଏହିଗସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦରାଜ ସିର୍କେ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ନୀଳଗିରି ବିଡିଓ ବିକ୍ରମ କିଶୋର ପରିଡା,ତହସିଲଦାର ସୋନମ ଦାସ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆୟୁଷ୍ମାନ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ପଦ ପୂରଣ ଦାବିରେ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାଲିଆପାଳ , ୨୯/୪ (ନି.ପ୍ର):) ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ଜରୀ ସ୍ପେଶାଲିଷ୍ଟ, ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ଙ୍କ ସହିତ ବହୁ ପଦବୀ ପୂରଣ ଦାବିରେ ବାଲିଆପାଳିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ବାଲିଆପାଳ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ଡାକ୍ତର ଅଭାବରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ନ ପାଇ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ନେଇ ବର୍ଷେ ତଳେ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ର ଆବାହକ ସତ୍ୟକାମ ମହାନ୍ତି ଆମରଣ ଅନଶନ ରେ ବସିବା ପରେ ପ୍ରଶାସନ କେବଳ ପ୍ରତିଶୃତି ଦେଇ ନିଜର ଦାଇତ୍ୱ ଛିଣ୍ଡାଇ ଥିଲେ ଫ ସ୍ୱାସ୍ଥ୍ୟ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ କୌଣସି ପ୍ରତିକାର ବର୍ତମାନ ହେଉ ନାହିଁ । ସେତେବେଳେ ଡାକ୍ତର ପଦବୀ ପୂରଣ କରାଯିବ ବୋଲି ସିଡିଏମଓଙ୍କ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଅନଶନ ପରେ ସ୍ୱାସ୍ଥ୍ୟ ବିଭାଗ ଆମକୁ ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରିବା ଦୁଖଦାୟକ ଘଟଣା । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ଜଳେଶ୍ୱର ଓ ପଡୋଶୀ ପଶ୍ଚିମ ବଙ୍ଗର ରୋଗୀମାନେ ନିର୍ଭର କରିଥାନ୍ତି। ପ୍ରତିଦିନ ତିନି ଶହରୁ ଅଧିକ ରୋଗୀ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଥାନ୍ତି।ବିଶେଷଜ୍ଞ ଡାକ୍ତର ନ ଥିବାରୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର, ବାରିପଦା, କଟକ ବଡ଼ ମେଡିକାଲକୁ ଯାଉଛନ୍ତି ଝତେବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବି ସହିତ ଅନ୍ୟାନ୍ୟ ପଦବୀ ଗୁଡିକରେ କର୍ମଚାରୀ ନିଯୁକ୍ତି ଦାବିରେ ପୁଣି ଥରେ ଆସନ୍ତା ୬ ତାରିଖରେ ସ୍ୱାଭିମାନି ବାଲିଆପାଳିଆ ମଞ୍ଚ ତରଫରୁ ଆମରଣ ଅନଶନ କରାଯିବ ବୋଲି ଆବାହକ ଶ୍ରୀ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ସଦସ୍ୟ ଗୋବିନ୍ଦ ଦେବାଶିଷ ପାତ୍ର, ହରିହର ପ୍ରଧାନ,ହର ଜେନା, ଦିନୋଜ କୁମାର ଜେନା,ରାମ ଚନ୍ଦ୍ର ରାଉତ, ରିଙ୍କୁରଞ୍ଜନ କର,ପ୍ରଦୀନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲା।

# ତିନୋଟି ବେଆଇନ ପଥରବୋଝେଇ ହାଇୱା ଜବତ

ନୀଳଗିରି, ୨୯/୪ (ନି.ପ୍ର): ନୀଳଗିରି ଥାନା ଅଧୀନ ବଡଅତା ଛକ ନିକଟରୁ ତିନୋଟି ବେଆଇନ ପଥର ବୋଝେଇ ହାଇୱାକୁ ଜବତ କରିଛି ଖଣି ବିଭାଗ। ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ବେଆଇନ ଭାବରେ ପଥର ଚୋରାଚାଲଣ ହେଉଥିବା ଖବର ପାଇ ଖଣିବିଭାଗର ଏକ ଟିମ୍ ଚଢାଉ କରିଥିଲା।ଘଟଣା ସ୍ଥଳରୁ ଡ୍ରାଇଭର ମାନେ ଗାଡି ଛାଡି ଚମ୍ପଟ ମାରିଥିବା ବେଳେ ତିନୋଟି ହାଇୱା ଯାହାର ନମ୍ବର ଓଆର୦୧-ଏନ୯୦୯୫, ଓଡି - ୦୧ବିଏ୬୨୬୩, ଓଡି୦୧-ଟି୪୪୯୮ ଜବତ କରାଯାଇ ନୀଳଗିରି ଥାନାକୁ ହସ୍ତାନ୍ତର କରାଯାଇଛି।

# ୪ଦିନିଆ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ

ଖଇରା,୨୯।୪ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଟିଆକୋଇଲି ପଞ୍ଚାୟତ କଲ୍ୟାଣ ମଣ୍ଡପ ରେ ମଣ୍ଡଳସ୍ତରୀୟ ୪ଦିନିଆ ଉଦ୍ୟାନ କର୍ମଶାଳା ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ସହକାରୀ କୃଷି ଅଧିକାରୀ ସୂର୍ଯ୍ୟ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳା ରେ ଗୋଷ୍ଠୀ କୃଷି ଅଧିକାରୀ ଶିବାନୀ ମିଶ୍ର,ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁ,୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,କୃଷି ଉପଦେଷ୍ଟା ମଣ୍ଡଳି ଅଧ୍ୟକ୍ଷ ଶଙ୍କର୍ଷଣ ମାଝୀ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ଯୋଜନା ଉପରେ ଆଲୋକପାତ କରିଥିଲେ । ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ତାରାକାନ୍ତ ମହାପାତ୍ର ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ । କୁପାରୀ ଜୋନରୁ ୧୫୦ରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ ।

# କୈଳାଶ ଚନ୍ଦ୍ର ପ୍ରଧାନ ହେଲେ ପଞ୍ଚୁପାଳି ପଞ୍ଚାୟତ ବିଜେଡ଼ି ସଭାପତି




ଲଙ୍ଗଳେଶ୍ୱର , ୨୯/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଳି ପଞ୍ଚାୟତ ବିଜୁ ଜନତା ଦଳର ନୂତନ ସଭାପତି ଭାବରେ କୈଳାଶ ଚନ୍ଦ୍ର ପ୍ରଧାନ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଗତ ସୋମବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଲଙ୍ଗଳେଶ୍ୱର ଠାରେ ପଞ୍ଚୁପାଳି ପଞ୍ଚାୟତ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତରେ ଦଳର ସଂଗଠନକୁ କିପରି ମଜଭୁତ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ସେହି ବୈଠକରେ ସର୍ବସମ୍ମତି କ୍ରମେ ପଞ୍ଚାୟତରେ ଦଳକୁ ପରିଚାଳନା କରିବା ପାଇଁ ନୂତନ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି ଏବଂ ୧୧ ଜଣିଆ ଉପଦେଷ୍ଟା କମିଟି ଗଠିତ ହୋଇଥିଲା । ନୂତନ ସଭାପତି ଭାବରେ କୈଳାଶ ଚନ୍ଦ୍ର ପ୍ରଧାନ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ଧର୍ମପଦ ଗିରି, ଉପସଭାପତି ଭାବରେ ଅନାଦି ବେହେରା, ଉପଦେଷ୍ଟା କମିଟିର ମୁଖ୍ୟ ଭାବରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଗିରି, ଉପଦେଷ୍ଟା କମିଟିର ସଦସ୍ୟ ଭାବରେ ପୂର୍ବତନ ସରପଞ୍ଚ ଆନନ୍ଦ ବେହେରା, ସୁଶାନ୍ତ ନାୟକ, ଛୋଟରାୟ ମାଝୀ, ରବୀନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ପତି , ବେଣୁଧର ଗିରି, ଆଦିକନ୍ଦ ନାୟକ, ଦିଲ୍ଲୀପ କୁମାର ପଣ୍ଡା, ଶତ୍ରୁଘ୍ନ ଗିରି, ମଞ୍ଜୁଲତା ମଲ୍ଲିକ ପ୍ରମୁଖ ମନୋନୀତ ହୋଇଥିଲେ । ବିଜେଡ଼ିର ବରିଷ୍ଠ ନେତା ଚକ୍ରଧର ଗିରି, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

# ଓଡ଼ିଶା ମୋଟରର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର , ୨୯/୪ (ନି.ପ୍ର): ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱର୍କରସ୍ ଉନିଅନ୍ ଅଫିସ ର ମୁଖ୍ୟ କାର୍ଯ୍ୟାଳୟ ରେ ସ୍ୱର୍ଗତ କୁମୁଦ ବିହାରୀ ଦାସ ଙ୍କ ର ଏକ ସ୍ମୃତି ସଭା ସଙ୍ଗଠନର କୋଷାଧକ୍ଷ ଅସିତ୍ ବରଣ ଦାସଙ୍କ ଅଧକ୍ଷତାରେ ହୋଇ ଯାଇଛି । ସର୍ବ ପ୍ରଥମେ ସଂଗଠନ ର ପୂର୍ବତନ ସଭାପତି ତଥା ବରିଷ୍ଠ ସଦସ୍ୟ ସାଥୀ ନିର୍ମଳ ନାୟକ ସଂଗଠନ ଗଠନ ହେବା ଠାରୁ ସ୍ୱର୍ଗତ ଦାସ ଙ୍କ ର ଅବଦାନ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ତାଙ୍କର ଉପଦେଶ ବିଷୟ ରେ ଆଲୋଚନା କରିଥିଲେ। ସାଥୀ ବିଜୟ ପାତ୍ର ଆଗାମୀ ଦିନରେ ଆସୁଥିବା ସମସ୍ୟା କୁ କିଭଳି ଭାବରେ ସାମ୍ନା କରିବାକୁ ହେବ ସେ ବିଷୟ ରେ ଆଲୋଚନା କରିଥିଲେ। ସ୍ୱର୍ଗତ କୁମୁଦ ବିହାରୀ ଦାସ ଜଣେ କଣ୍ଡକ୍ଟର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଯେତେବେଳେ ବାଲେଶ୍ୱର ରେ ପ୍ରଥମେ ମୋଟର ଟ୍ରାନ୍ସପୋର୍ଟ ୱର୍କର୍ସ୍ ୟୁନିଅନ୍ ଗଠନ ହୋଇଥିଲା ।ସେ ଥିଲେ ଉକ୍ତ ସଂଗଠନ ର ପ୍ରଥମ କୋଷାଧକ୍ଷ। ତାଙ୍କର ସଚ୍ଚୋଟତା, ସରଳ ପଣିଆ, ସମସ୍ତ କର୍ମଚାରୀ ଭାଇ ମାନଙ୍କ ସହିତ ଭାଇଚାରା ସମ୍ପର୍କ ନେଇ ସଂଗଠନ କୁ ସୁସଂଠିତ କରିବା ରେ ତାଙ୍କ ର ଭୂମିକା ଥିଲା ଅନନ୍ୟ। ତାଙ୍କ ସମୟ ର ସଂଗଠନ ପାଇଁ ଅନେକ ବଳିଷ୍ଠ ପଦକ୍ଷେପ ନେଇ ସଂଗଠନ କୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ କରପାରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭା ରେ ତାଙ୍କର ସୁପୁତ୍ର ନରେନ୍ଦ୍ର ବିହାରୀ ଦାସ (ବାଦଲ ବାବୁ) ତାଙ୍କ ବାପା ଙ୍କ ସଂପର୍କ ରେ ବକ୍ତବ୍ୟ ରଖିଥିଲେ। ବ୍ୟସ୍ତତା ଭିତରେ ଥାଇ ମଧ ଉକ୍ତ ସଭା ରେ ଉପସ୍ଥିତ ହୋଇଥିବା ଯୋଗୁଁ ସଙ୍ଗଠନ ତରଫ ରୁ ଅନେକ ଅନେକ ଧନ୍ୟବାଦ୍ ଦିଆଯାଇଥିଲା। ଅନ୍ୟ ମାନଙ୍କ ମଧରେ ସଂଗଠନ ର ସାଧାରଣ ସମ୍ପାଦକ ସାଥୀ ରାଜକିଶୋର ଲେଙ୍କା ସ୍ୱର୍ଗତ କୁମୁଦ ବିହାରୀ ଦାସ ଙ୍କ ସମ୍ପୂର୍ଣ୍ଣ ଜୀବନୀ ଉପରେ ଆଲୋକପାତ୍ କରିଥିଲେ। ଅଫିସ ସମ୍ପାଦକ ସାଥି ସୁଶାନ୍ତ ସାହୁ ତାଙ୍କ ବିଷୟ ରେ ଆଲୋଚନା କରିତାଙ୍କ ସହିତ କାମ କରିବା ର ସୁଯୋଗ ପାଇଥିବା ରୁ ନିଜକୁ ଧନ୍ୟ ମନେ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ର ସହ ସାଧାରଣ ସଂପାଦକ ସୁଶାନ୍ତ ନାୟକ , ଯୁଗ୍ମ ସମ୍ପାଦକ ସାଇ କିଙ୍କର ନାୟକ ତତ୍ ସହିତ ଦିନବନ୍ଧୁ ଜେନା, ସୃଷ୍ଟିଧର ବେହେରା , ଷଡାନନ ସାହୁ, ଇଶାଣି ଷଡ଼ଙ୍ଗୀ ସଂଘର ସଭାପତି ରାଧା କୃଷ୍ଣ ମହାପାତ୍ର, ସରୋଜ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷ ରେ ଅଚିନ୍ତ ବାରିକ ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ ହେବା ର ଘୋଷଣା କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida